୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK

पर्यवेक्षक

Vol.27. No.90 Bhubaneswar Saturday May 17 2025 | ୨୭ତମ ବର୍ଷ ସଂଖ୍ୟା–୯୦ ଭୁବନେଶ୍ୱର, ଶନିବାର, ମଇ ୧୭, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ–୧.୫୦ | ₹1.50 | (Air Surcharge - 0.50P) | Member-INS

# ଆହୁରି ୫ ଦିନ କାଳବୈଶାଖୀ ବର୍ଷା, ବିଜୁଳି ଘଡ଼ଘଡ଼ି ସହ ବର୍ଷିବ କୁଆପଥର

ଭୁବନେଶ୍ୱର,୧୬।୫(ପି.ଏନ): ଆଶ୍ୱସ୍ତି ଆଣିବ କାଳବୈଶାଖୀ । ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ସହ ଗୁଳୁଗୁଳିରେ ଲାଗିବ ବ୍ରେକ୍ । ଟ୍ରପ ଲାଇନ ପ୍ରଭାବରେ ଆହୁରି ୫ ଦିନ ଜାରି ରହିବ କାଳବୈଶାଖୀ ବର୍ଷା । ଏହାର ପ୍ରଭାବରେ ଆସନ୍ତା ୫ ରୁ ୭ ଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକାରୁ ମାଧ୍ୟମ ଧରଣ ବର୍ଷା ନେଇ ପୂର୍ବାନୁମାନ କରିଛି ଆଂଚଳିକ ପାଣିପାଗ କେନ୍ଦ୍ର । ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ବିଜୁଳି ସହିତ ଝଟକା ପବନ ବହିବାର ସମ୍ଭାବନା ରହିଛି । କିଛି ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ସହ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି ଖୋର୍ଦ୍ଧା, କଟକ, ନୟାଗଡ଼, ଢେଙ୍କାନାଳ, କନ୍ଧମାଳ, କେନ୍ଦ୍ରପଡା ଆଦି ସ୍ଥାନରେ ବର୍ଷା ଯୋଗୁଁ ଆସନ୍ତାକାଲି ଠାରୁ ତାପମାତ୍ରା କମିବା ସହ ଗୁଳୁଗୁଳିରୁ ଆଶ୍ୱସ୍ତି ମିଳିବ । ତେବେ ଆଜି ଓ



ଆସନ୍ତାକାଲି କଟକ, ଜଗସିଂହପୁର, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ଗଜପତି ଆଦି ଜିଲ୍ଲାରେ ଗରମ ସହ ଗୁଳଗୁଳି ଜାରି ରହିବ । ଆସନ୍ତା ୨୪ ଘଣ୍ଟାରେ କୋରାପୁଟ କୋଟପାଡ଼ରେ ସର୍ବାଧିକ ୫୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ବୌଦ୍ଧରେ ସର୍ବାଧିକ ୪୨.୮ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି ।

### ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହୋଇପାରେ ଲଘୁଚାପ, ୨୮ ପରେ ହୋଇପାରେ ବର୍ଷା

ଭୁବନେଶ୍ୱର,୧୬।୫(ପି.ଏନ): ଗତ କିଛି ଦିନ ହେବ ଜଳୁଛି ପଶ୍ଚିମ ଓଡ଼ିଶା । ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି । ଏହାରି ଭିତରେ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଏକ ଆଶ୍ୱସ୍ତିକର ଖବର ମିଳିଛି ।ମେ ମାସ ଶେଷ ବେଳକୁ ଉତ୍ତର ବଙ୍ଗୋପସାଗର ଉପରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । କେନ୍ଦ୍ରୀୟ ଏବଂ ଉତ୍ତର ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ପରେ ଆସନ୍ତା ୨୮ ଏବଂ ୨୯ ତାରିଖ ବେଳକୁ ଏହା ଘନିଭୂତ ହୋଇ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି ।ବର୍ତ୍ତମାନ ମୌସୁମୀ କେରଳ ଛୁଇଁଥିବା ବେଳେ ଆସନ୍ତା ୨୨ରୁ ୨୮ ତାରିଖ ମଧ୍ୟରେ କେରଳ ଛୁଇଁପାରେ ବୋଲି ଆକଳନ କରାଯାଇଛି । ତେବେ ଆଜିଠୁ ୨୮ ତାରିଖ ଯାଏଁ ରାଜ୍ୟର ଅନେକ ସ୍ଥାନରେ ଘଡ଼ଘଡ଼ି ସହିତ ବର୍ଷା ହେବା ନେଇ ମଧ୍ୟ ଆକଳନ କରାଯାଇଛି ।କାଳବୈଶାଖୀର ସମ୍ଭାବନା ରହିଥିଲେ ହେଁ ଗରମ ଗୁଳୁଗୁଳି ଜାରି ରହିବା ନେଇ କୁହାଯାଇଛି । ବୌଦ୍ଧ, ବରଗଡ଼, ଟିଟିଲାଗଡ଼, ବଲାଙ୍ଗୀର, ଝାରସୁଗୁଡା, ସୁନ୍ଦରଗଡ଼, ନୂଆପଡା ଏବଂ ସମ୍ବଲପୁରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିବା ନେଇ ପୂର୍ବାନୁମାନ କରାଯାଇଛି ।

## ଶେଷ ପର୍ଯ୍ୟାୟରେ ପୋଲାଭରମ ପ୍ରକଳ୍ପ ; ୧୧ ମାସ ଧରି ରାଜ୍ୟ ବିଜେପି ସରକାର ଚୁପ

ଭୁବନେଶ୍ୱର,୧୬।୫(ପି.ଏନ): ପଡୋଶୀ ପାଇଁ ବୁଡ଼ିବ ଓଡିଶା । ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି ପୋଲାଭରମ ପ୍ରକଳ୍ପ । ୧୧ ମାସ ଧରି ରାଜ୍ୟ ବିଜେପି ସରକାର ଚୁପ । ରାଜନୈତିକ ସ୍ୱାର୍ଥ ପାଇଁ ଓଡ଼ିଶାକୁ ଧୋକ୍କା ଦେଲେ ଡବଲ ଇଂଜିନ ସରକାର । ପୋଲାଭରମ ପ୍ରକଳ୍ପ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ଥାଣୁତା ନେଇ ପୁଣି ଥରେ ବର୍ଷିଛି ବିଜେଡି । ଦଳ ଅଭିଯୋଗ କରିଛି ପୋଲାଭରମ ପ୍ରକଳ୍ପ ଯୋଗୁଁ ମାଲକାନାଗିରିର ମୋଟୁ ଅଂଚଳ ସହ ଅନେକ ଅଂଚଳ ବୁଡିଯିବ। ଆନ୍ଧ୍ରପ୍ରଦେଶ ସରକାର ଗୋଟିଏ ପରେ ଗୋଟିଏ ନିର୍ମାଣ କରି ଚାଲିଛି । କଂଗ୍ରେସ କହିଛି ପୋଲାଭରମ ପ୍ରକଳ୍ପ ନେଇ ଲଢେଇ କରିବୁ । ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ମାଲକାନଗିରି ଜିଲ୍ଲା ସଂପୂର୍ଣ୍ଣ ଜଳମଗ୍ନ ହେବ । ବହୁ ସଂଖ୍ୟାରେ ଆଦିବାସୀ ବିସ୍ଥାପିତ ହେବାସହ ମୋଟୁ ଅଞ୍ଚଳର ଅଧିକାଂଶ ଜଙ୍ଗଲ ଜମି ଜଳମଗ୍ନ ହୋଇଯିବ । ଅନ୍ୟପଟେ ବରିଷ୍ଠ ବିଜେପି ବିଧାୟକ ଜୟ ନାରାୟଣ ମିଶ୍ରଙ୍କ କହିବା କଥା ଓଡ଼ିଶାର ସ୍ୱାର୍ଥ ଜଗିବାକୁ ଅଛନ୍ତି ତାଙ୍କ ଦଳର ୨୦ ଜଣ ସାଂସଦ । ବିଶେଷଜ୍ଞଙ୍କ ମତ, ପୋଲାଭମ ପ୍ରକଳ୍ପ ଯୋଗୁଁ ମାଲକାନଗିରି ଜିଲ୍ଲାରେ ୧୦ ହଜାର ହେକ୍ଟର ଜମି ଜଳମଗ୍ନ ହେବ । ଆଉ ଏଥିରେ ପ୍ରଭାବିତ ହେବେ ୭୦ ପ୍ରତିଶତ ଆଦିବାସୀ । ମୋଟୁ ଅଞ୍ଚଳ ସହ ଅନେକ ଗାଁ ବୁଡ଼ିଯିବ। ସେପଟେ ସରକାରଙ୍କ ସ୍ଥାଣୁତାକୁ ନେଇ ଭିନ୍ନ ମତ ରଖୁଛନ୍ତି ବିଜେପି ବିଧାୟକ । ଦଳର ବିଧାୟକ କହିଛନ୍ତି ଏହି ପ୍ରକଳ୍ପ ଯୋଗୁ ଆଦିବାସୀମାନେ ଯେପରି ହଇରାଣ ନହୁଅନ୍ତି, ଡବଲ ଇଞ୍ଜିନ ସରକାର ସେଥିପ୍ରତି ଦୃଷ୍ଟି ଦେବା ଦରକାର । ପୋଲାଭରମ ଯୋଗୁଁ ଓଡିଶାର ଯେପରି କିଛି କ୍ଷତି ନହେବ ସେନେଇ ବିଜେଡି ସ୍ୱର ଉଠାଇ ଆସିଛି । ସ୍ୱତନ୍ତ୍ର ଟିମ ଗଠନ କରି ଦଳ କ୍ଷତିଗ୍ରସ୍ତ ଅଂଚଳ ବୁଲି ଦେଖିଛି । ସମସ୍ୟାର ସମାଧାନ ପାଇଁ ଟ୍ରିପଲ ଇଂଜିନ ସରକାର ଉପରେ ଚାପ ପକାଇଆସୁଛି ତାକୁ ରାଜ୍ୟବାସୀ ଅନାଇବସିଛନ୍ତ ।

## ବୈପାରୀଗୁଡାରେ ମର୍ମନ୍ତୁଦ ସଡକ ଦୁର୍ଘଟଣା : ୩ ଜଣଙ୍କ ମୃତ୍ୟୁ



ଭୁବନେଶ୍ୱର,୧୬।୫(ପି.ଏନ): କୋରାପୁଟ ଜିଲ୍ଲା ବୈପାରୀଗୁଡାରେ ମର୍ମନ୍ତୁଦ ସଡକ ଦୁର୍ଘଟଣା । ୩୨୬ ନମ୍ବର ଜାତୀୟ ରାଜପଥ ଗୌଡ଼ଗୁଡା ଛକରେ ଗଛକୁ ପିଟିଲା କାର । ଘଟଣାସ୍ଥଳରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩ଜଣ ଗୁରୁତର ହୋଇଛନ୍ତି । ୩ ଗୁରୁତରଙ୍କୁ ବୈପାରିଗୁଡ଼ା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ନୟାଗଡ଼ରୁ ମାଲକାନଗିରି ଯାଉଥିବା ବେଳେ ଭାରସାମ୍ୟ ହରାଇ ଗୌଡ଼ଗୁଡା ଗଛରେ ଗଛକୁ ଧକ୍କା ଦେଇଥିଲା କାର । ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ମୃତକମାନେ ଗୋଟିଏ ପରିବାରର ବୋଲି ଜଣାପଡ଼ିଛି ।

## ଶ୍ରୀକ୍ଷେତ୍ରରେ ଗଡିଲା ମୁଣ୍ଡ, ପଇଡ ତୋଳା ବିବାଦକୁ ନେଇ ବୀଭତ୍ସ ହତ୍ୟା

ପୁରୀ,୧୬।୫(ପି.ଏନ): କିଛି ଦିନରେ ବିରତି ପରେ ପୁଣିଥରେ ଶ୍ରୀକ୍ଷେତ୍ରରୁ ହତ୍ୟା ଖବର ସାମ୍ନାକୁ ଆସିଛି । ପଇଡ ତୋଳା ବିବାଦକୁ ନେଇ ଯୁବକଙ୍କୁ ବୀଭତ୍ସ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି ।ଘରେ ଶୋଇଥିବା ବେଳେ ଯୁବକଙ୍କୁ ହାଣି ହତ୍ୟା କରାଯାଇଛି । ବାସେଳିସାହି ମଶାଣିଚଣ୍ଡୀ ସାହିରେ ଏହି ହତ୍ୟାକାଣ୍ଡ ହୋଇଛି ।ହତ୍ୟା ପରେ ହତ୍ୟାକାରୀ ଫେରାର– ତେବେ ହତ୍ୟା ପରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି । ଘରେ ମୃତଦେହ ପଡି ରହିଥିବା ବେଳେ ବାସେଳିସାହି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## 'ଜୁନ୍ ୨୮ରୁ ଜୁଲାଇ ୬ ଯାଏଁ ଗର୍ଭଗୃହ, ବାହାର ରତ୍ନଭଣ୍ଡାର ମରାମତି'

ପୁରୀ,୧୬।୫(ପି.ଏନ): ଆସନ୍ତା ଜୁନ୍ ୨୮ରୁ ଜୁଲାଇ ୬ ତାରିଖ ମଧ୍ୟରେ ଗର୍ଭଗୃହ, ବାହାର ରତ୍ନଭଣ୍ଡାର ମରାମତି ହେବ । ଏହି ସମୟରେ ବିଶେଷ କରି ବାହାର ରତ୍ନଭଣ୍ଡାର ମରାମତି କରାଯିବ । ଭିତର ରତ୍ନଭଣ୍ଡାର ମରାମତି ପ୍ରାୟତଃ ଶେଷ ହୋଇଯାଇଛି । କେବଳ ଚଟାଣ କାମ ବାକି ଅଛି । ବାକି ରହିଥିବା ଚଟାଣ କାର୍ଯ୍ୟ କରାଯିବା ସହ ବାହାର ରତ୍ନଭଣ୍ଡାରେ ଷ୍ଟେନଲେସ ବିମ୍ ଲଗାଯିବ । ଏହାସହ ନଷ୍ଟ ହୋଇଥିବା ସମସ୍ତ ପଥର ମଧ୍ୟ ପରିବର୍ତ୍ତନ କରାଯିବ । ପୂର୍ବରୁ ଭିତର ରତ୍ନ ଭଣ୍ଡାରରେ ୯ଟି ଷ୍ଟେନଲେସ ବିମ ଲାଗି ସାରିଥିବା ବେଳେ ମୋଟ ୨୭୭ ପଥର ପରିବର୍ତ୍ତନ କରାଯାଇଛି । ସେଥି ମଧ୍ୟରୁ ୧୪୮ ଟି ପଥର ଭିତର ରତ୍ନଭଣ୍ଡାରରେ ଲାଗିଛି । ରତ୍ନଭଣ୍ଡାର ସହ ଗର୍ଭଗୃହ, ଜଗମୋହନ ଓ ନାଟମଣ୍ଡପ ମରାମତିକୁ ନେଇ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ବସିଥିବା ବୈଠକରେ ଏନେଇ ହୋଇଛି ନିଷ୍ପତ୍ତି ।ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ଶ୍ରୀମନ୍ଦିର ପ୍ରଶାସନ ବୈଷୟିକ କୋର କମିଟି ସଦସ୍ୟ ଏନ୍ ସି ପାଲଙ୍କ ସମେତ ସୁପରିଟେଣ୍ଡେଣ୍ଟ ଆର୍କ ?ଲୋଜିଷ୍ଟ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ । ତେବେ



ପୂର୍ବ ନିଷ୍ପତି ଅନୁଯାୟୀ ଏପ୍ରିଲ ୨୯ ରୁ ଜୁନ୍ ୨୭ ପର୍ଯ୍ୟନ୍ତ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ବନ୍ଦ ରହିଛି । ତେବେ ଏହି ସମୟ ମଧ୍ୟରେ ବାହାର ରତ୍ନଭଣ୍ଡାରର ବାକି ଥିବା ଅନ୍ୟାନ୍ୟ କାର୍ଯ୍ୟ ଶେଷ କରିବା ନେଇ ବୈଠକରେ ନିଷ୍ପତି ହୋଇଛି । ଭଣ୍ଡାର ଘରର ଭିତର ଦ୍ୱାରକୁ ସୁନା ଛାଉଣୀ କରିବା ପାଇଁ ପ୍ରସ୍ତାବ ରହିଥିବା ବେଳେ ବାହାର ଦ୍ୱାରକୁ ରୁପା ଛାଉଣୀ କରାଯିବ । ଏ ନେଇ ପରବର୍ତ୍ତୀ ସମୟରେ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି । ୨୦୨୪ ଡିସେମ୍ବର ୧୭ ରୁ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ୪ମାସ ମଧ୍ୟରେ ସମୁଦାୟ ୧୯୩ ଘଣ୍ଟା ୫ ମିନିଟ କାର୍ଯ୍ୟ କରାଯାଇଥିଲା ।

## ମୋହନ ସରକାରଙ୍କ ବର୍ଷପୂର୍ତ୍ତି ଉତ୍ସବର ଅତିଥି ହେବେ ପ୍ରଧାନମନ୍ତ୍ରୀ ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହ !

ଭୁବନେଶ୍ୱର,୧୬।୫(ପି.ଏନ): ଆସନ୍ତା ଜୁନ୍ ୧୨ ତାରିଖରେ ଓଡିଶାର ମୋହନ ମାଝୀଙ୍କ ବିଜେପି ସରକାର କ୍ଷମତାରେ ଏକ ବର୍ଷ ପୂରଣ କରିବ। ଓଡିଶାରେ ଏହା ହେଉଛି ବିଜେପିର ପ୍ରଥମ ସରକାର। ସରକାରର ପ୍ରଥମ ବର୍ଷ ପୂର୍ତ୍ତି ପାଳନ ଅବସରରେ ଜୁନ୍ ୧୨ ତାରିଖରୁ ଜୁନ୍ ୧୯ ତାରିଖ ଯାଏଁ ସପ୍ତାହ ବ୍ୟାପୀ ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଓଡିଶା ଗସ୍ତରେ ଆସିପାରନ୍ତି ବୋଲି ସୂଚନା ପ୍ରଦାନ କରିଛନ୍ତି ରାଜ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ।

ରାଜସ୍ୱ ମନ୍ତ୍ରୀ ପୂଜାରୀ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁସାରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓଡିଶା ସରକାରଙ୍କ ସହିତ ସଂପର୍କରେ ଅଛନ୍ତି। ରାଜ୍ୟ ବିଜେପି ସରକାରର ପ୍ରଥମ ବର୍ଷର ହାସଲ ନେଇ ସମୀକ୍ଷା କରାଯାଉଛି। ବର୍ଷପୂର୍ତ୍ତି କେବଳ ଏକ ରାଜନୀତିକ ହାସଲ ନୁହେଁ, ଏହା ଏକ ଉତ୍ତରଦାୟିତ୍ୱର ଅବସର ମଧ୍ୟ। ଏହି ବର୍ଷକ ଭିତରେ ମୋହନ ମାଝୀଙ୍କ ସରକାର ଓଡିଶାବାସୀଙ୍କ ପାଇଁ କି କି କାର୍ଯ୍ୟ କରିଛନ୍ତି ତାହାର ମଧ୍ୟ ସମୀକ୍ଷା ହେବ।ସୂଚନା ଅନୁସାରେ ରାଜ୍ୟ ସରକାର ଓଡିଶାର ଭୋଟରମାନଙ୍କୁ ଦେଇଥିବା ୨୧ଟି ପ୍ରତିଶ୍ରୁତିରୁ ୧୧ଟି ପ୍ରତିଶ୍ରୁତି ଏହି ବର୍ଷକ ମଧ୍ୟରେ ପୂରଣ କରିଛନ୍ତି। ବାକି ୧୦ ପ୍ରତିଶ୍ରୁତି ଆଗାମୀ ବର୍ଷ ପୂରଣ କରିବାକୁ ଚେଷ୍ଟା କରାଯିବ। ଏହା ବ୍ୟତିତ ଦଳ ଯେଉଁ ପ୍ରତିଶ୍ରୁତି ଦେଇନାହିଁ, ମାତ୍ର ଲୋକେ ତାହା ଚାହାନ୍ତି ତାହା ମଧ୍ୟ କାର୍ଯ୍ୟକାରୀ ହେବ। ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ ଗଣତନ୍ତ୍ରରେ ଅଭିଭାବକ ହେଲେ ଜନସାଧାରଣ। ଛାତ୍ରଛାତ୍ରୀ ଯେପରି ବର୍ଷକ ପାଠ ପ?ିବା ପରେ ବାର୍ଷିକ ପରୀକ୍ଷା ଦିଏ ଓ ପରୀକ୍ଷାରେ କେତେ ମାର୍କ ରଖିଲା ତାହାର ପ୍ରଗତିପତ୍ର ସ୍କୁଲରୁ ଆଣି ବାପମା'ଙ୍କୁ ଦେଖାଏ ସେହିପରି ରାଜ୍ୟ ସରକାରଙ୍କର ପ୍ରଗତିପତ୍ର ଜନସାଧାରଣ ଜାଣିବା କଥା। ସରକାର ତାହା ଦେବେ। ଏହା ଏକ ଉତ୍ତରଦାୟୀ ସରକାର ।ମୋହନ ମାଝୀ ସରକାରଙ୍କ ବର୍ଷପୂର୍ତ୍ତି ପାଳନ ଅବସରରେ ପ୍ରଧାନମନ୍ତ୍ରୀ ଅତିଥି ହେବେ କି ବୋଲି ପ୍ରଶ୍ନର ସେ କୌଣସି ସିଧାସଳଖ ଉତ୍ତର ଦେଇନାହାନ୍ତି। ସେ କହିଛନ୍ତି ଯେ ଏନେଇ କିଛି ଚୂଡାନ୍ତ ହୋଇନାହିଁ। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆସିଲେ ଭଲ ହେବ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ ଚାଲିଛି। କିଛି ଠିକ ହୋଇନାହିଁ। ତେବେ, ସେ କହିଛନ୍ତି ଯେ ଏହା କେବଳ ଉତ୍ସବ ମନେଇବାର ସମୟ ନୁହେଁ। ଏହି ବର୍ଷ ରାଜ୍ୟ ସରକାରଙ୍କ ସଫଳତା ଓ ବିଫଳତାର ସମୀକ୍ଷା ହୋଇ ଲୋକଙ୍କୁ ଜଣେଇବାର ସମୟ। ସେ ଦିଗରେ ମଧ୍ୟ ପ୍ରଚେଷ୍ଟା ଚାଲିଛି।

## ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ପାଇଁ ଆରମ୍ଭ ହେଲା ଫର୍ମ ପୂରଣ

ଭୁବନେଶ୍ୱର,୧୬।୫(ପି.ଏନ): ମାଟ୍ରିକ ପରୀକ୍ଷାରେ ଫେଲ ହୋଇଥିବା ଛାତ୍ରଛାତ୍ରୀ, ଏମପି ହୋଇଥିବା ଛାତ୍ରଛାତ୍ରୀ ଏବଂ ପରୀକ୍ଷାରେ ଅନୁପସ୍ଥିତ ରହିଥିବା ଛାତ୍ରଛାତ୍ରୀଙ୍କ ପାଇଁ ବୋର୍ଡ ପକ୍ଷରୁ ଏକ ସୁଯୋଗ ଦିଆଯାଇଛି ।ଏହି ଦିନ ଫର୍ମ ପୂରଣର ଶେଷ ତାରିଖ- ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ପାଇଁ ଫର୍ମ ପୂରଣ ଆରମ୍ଭ ହୋଇସାରିଛି । ମେ ୨୬ ତାରିଖ ଯାଏଁ ଫର୍ମ ପୂରଣ କରିପାରିବେ ଛାତ୍ରଛାତ୍ରୀ ।ତେବେ ରେଗୁଲାର ପରି ସପ୍ଲିମେଣ୍ଟାରୀ ପରୀକ୍ଷା ଦେବାକୁ ଇଚ୍ଛୁକ ଥିବା ଛାତ୍ରଛାତ୍ରୀମାନେ ପ୍ରଧାନଶିକ୍ଷକଙ୍କ ଜରିଆରେ ଫର୍ମ ପୂରଣ କରିପାରିବେ । ୪୨୦ ଟଙ୍କା ଦେୟ ଦେବାକୁ ହେବ ।ଚଳିତ ବର୍ଷର ମାଟ୍ରିକ ପରୀକ୍ଷା କଥା ଦେଖିଲେ ୮




ହଜାର ୩୬୨ ଜଣ ପରୀକ୍ଷାରେ ଅନୁପସ୍ଥିତ ରହିଥିଲେ । ସେହିପରି ୧୭ ହଜାର ୩୮୪ ପରୀକ୍ଷାର୍ଥୀ ଫେଲ୍ ହୋଇଥିଲେ ।କେବେ ହେବ ସପ୍ଲିମେଣ୍ଟାରୀ ପରୀକ୍ଷା- ତେବେ ଆସନ୍ତା ୨୬ ତାରିଖରେ ଫର୍ମ ପୂରଣ ଶେଷ ହେବା ପରେ ପରୀକ୍ଷା କେବେ ହେବ ସେନେଇ ବୋର୍ଡ ପକ୍ଷରୁ ଘୋଷଣା କରାଯିବ ବୋଲି କୁହାଯାଇଛି ।

## ବର୍ଷା ଆଣିବ ଆଶ୍ୱସ୍ତି, ୧୮ ଯାଏଁ ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୬।୫(ପି.ଏନ): ବର୍ଷା ଆଣିପାରେ ଆଶ୍ୱସ୍ତି । ୧୮ ତାରିଖ ପର୍ଯ୍ୟନ୍ତ ଓଡିଶାର ବିଭିନ୍ନ ଜିଲା ଗୁଡିକରେ ବିଜୁଳି ଘଡ଼ଘଡ଼ି ସହିତ ବଜ୍ରପାତ ହେବାର ସମ୍ଭାବନା ରହିଛି । ସମୁଦ୍ର ପତନ ଠାରୁ ୯ କିଲୋମିଟର ଉଚ୍ଚରେ ଏକ ଟ୍ରପ ଲାଇନ ରହିଥିବାରୁ ଏହାର ପ୍ରଭାବରେ ବର୍ଷା ହେବ ବୋଲି ସୂଚନା ଦେଇଛି ପାଣିପାଗ କେନ୍ଦ୍ର । ଏହାସହ ୪ ଦିନ ଯାଏଁ କାଳବୈଶାଖୀ ପ୍ରଭାବ ରହିବ । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, ମୟୁରଭଞ୍ଜ ଓ କେନ୍ଦୁଝର ଏହି ୧୨ ଜିଲ୍ଲାକୁକୁ ଉଷ୍ମ ଓ ଆଦ୍ର ସ୍ଥିତି ପାଇଁ ୟେଲୋ ୱର୍ଣ୍ଣିଙ୍ଗ ଜାରି କରିଛି ପାଣିପାଗ ବିଭାଗ ।ସେହିପରି କାଳବୈଶାଖୀ ବର୍ଷାକୁ ନେଇ ୧୧ ଜିଲ୍ଲା କେନ୍ଦୁଝର, ଅନୁଗୁଳ, ବାଲେଶ୍ୱର, ଭଦ୍ରକ, ମୟୁରଭଂଜ, ନୂଆପଡା , କୋରାପୁଟ ,ମାଲକାନଗିରି ,ରାୟଗଡା, ଗଂଜାମ ଓ ଗଜପତିକୁ ଅରେଞ୍ଜ ଓ୍ୱାର୍ଣ୍ଣିଙ୍ଗ ଜାରି ହୋଇଛି । ବିଜୁଳି ଘଡଘଡି ସହ ହାଲୁକା ବର୍ଷା ସହ ୫୦ ରୁ ୬୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି ।

## 'ପଛୁଆ ବର୍ଗ ସହ ୩୫ ବର୍ଷ ଧରି ଛଳନା କରିଥିଲେ ବିଜେଡି, କଂଗ୍ରେସ'

ଭୁବନେଶ୍ୱର,୧୬।୫(ପି.ଏନ): ଓଡ଼ିଶାରେ ସାମାଜିକ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗ (ଏସଇବିସି)ର ଛାତ୍ରଛାତ୍ରୀଙ୍କୁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ଆସନ ସଂରକ୍ଷଣ ଦେବା ଦିଗରେ ପୂର୍ବ କଂଗ୍ରେସ ଏବଂ ବିଜେଡି ସରକାର କେବଳ ଛଳନା କରିଥିଲେ। କୋର୍ଟ କଚେରିର ବାହାନା ଦେଖାଯିବା ସହ ଛଦ୍ମ ସର୍ଭ ?ର ପ୍ରହସନ କରାଯାଇଥିଲା ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏ ପ୍ରସଙ୍ଗରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ୧୯୯୦ ମସିହାରୁ ମଣ୍ଡଳ କମିଶନ ଲାଗୁ ହେବା ପରେ ବି ଏସଇବିସି ବର୍ଗର ଛାତ୍ରଛାତ୍ରୀଙ୍କୁ ଏପରି ସଂରକ୍ଷଣରୁ ବଞ୍ଚିତ କରାଯାଇଥିଲା। ଦୀର୍ଘ ୩୫ ବର୍ଷ ଧରି ରାଜ୍ୟରେ କଂଗ୍ରେସ ଏବଂ ବିଜେଡି ଶାସନ ଦାୟିତ୍ୱରେ ଥିଲେ। ପଛୁଆ ବର୍ଗଙ୍କୁ ସାମ୍ବିଧାନିକ ଅଧିକାର ସ୍ୱରୂପ ପାଠପ?। ଏବଂ ଚାକିରି କ୍ଷେତ୍ରରେ ସଂରକ୍ଷଣ ଦେବା ପାଇଁ କମିଶନର ପରାମର୍ଶ ଥିଲା। ଭାରତବର୍ଷର ଏକମାତ୍ର ରାଜ୍ୟ ଭାବରେ ଓଡ଼ିଶାରେ ଏସଇବିସି ତାଲିକାକୁ କୋର୍ଟ କଚେରିର ବାହାନା ଦେଖାଇ ଗ୍ରହଣ କରାଯାଉନଥିଲା। ଅତୀତରେ ଛଦ୍ମ ସର୍ଭ ?ର ପ୍ରହସନ କରାଯାଇଥିଲା। ପୂର୍ବ ସରକାର ଏହି ବର୍ଗର ଛାତ୍ରଛାତ୍ରୀଙ୍କୁ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରିଥିଲେ। ଏହା ଓଡ଼ିଶାର ସାମାଜିକ ନ୍ୟାୟକୁ ବହୁତ ବଡ କୁଠାରଘାତ ହୋଇଥିଲା। ଓଡ଼ିଶା ଏକ ମାତ୍ର ରାଜ୍ୟ ଥିଲା, ଯେଉଁ ରାଜ୍ୟରେ ସାମାଜିକ ନ୍ୟାୟକୁ ଅଣଦେଖା କରାଯାଇଥିଲା। ତେବେ ରାଜ୍ୟରେ ଡବଲ ଇଞ୍ଜିନ ସରକାର ହେବା ପରେ ନିର୍ବାଚନରେ ଦିଆଯାଇଥିବା ପ୍ରତିଶ୍ରୁତିକୁ ପୂରଣ କରାଯାଇଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜଣାଇଛନ୍ତି ଶ୍ରୀ ପ୍ରଧାନ ।ସେ ଆହୁରି କହିଛନ୍ତି ଯେ ଭାରତୀୟ ଜନତା ପାର୍ଟି ସାମାଜିକ ନ୍ୟାୟ ପ୍ରତି ପ୍ରତିଶ୍ରୁତିବଦ୍ଧ। ତେବେ ଏକ ରାଜ୍ୟରେ ସଂରକ୍ଷଣ ହାର ୫୦ ପ୍ରତିଶତରୁ ଅଧିକ ନକରିବା ପାଇଁ ମାନ୍ୟବର ସୁପ୍ରିମକୋର୍ଟଙ୍କ ନିୟମ ପରିଧିରେ ଅଛି। ରାଜ୍ୟରେ ସବୁ ସଂରକ୍ଷଣ ଲାଗୁ ହେବା ପରେ ଆଉ ମାତ୍ର ୧୧.୨୫ ପ୍ରତିଶତ ସଂରକ୍ଷଣ ବାକି ରହିଥିଲା। ଗତକାଲି ଏସଇବିସି ବର୍ଗର ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଶିକ୍ଷା ଓ ଉଚ୍ଚ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ୧୧.୨୫ ପ୍ରତିଶତର ଆସନ ସଂରକ୍ଷଣ ଦେବା ପାଇଁ ଓଡ଼ିଶା ରାଜ୍ୟ କ୍ୟାବିନେଟ ମଞ୍ଜୁର ଦେଇଛି, ଯାହା ଡବଲ ଇଞ୍ଜିନ ସରକାରର ସାମାଜିକ ନ୍ୟାୟ ପ୍ରତି ଥିବା ପ୍ରତିବଦ୍ଧତାର ଉଦାହରଣ। ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ପତ୍ର ଲେଖି ଏହି ଆର୍ଥିକ ଅନଗ୍ରସର ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଶିକ୍ଷା, ବୈଷୟିକ ଶିକ୍ଷା ଏବଂ ମେଡ଼ିକାଲ ଶିକ୍ଷାରେ ସଂରକ୍ଷଣ ଦେବା ପାଇଁ ଅନୁରୋଧ କରିଥିଲି। ଉଚ୍ଚ ଶିକ୍ଷାରେ ସଂରକ୍ଷଣ ପାଇଁ କ୍ୟାବିନେଟ ମଞ୍ଜୁରୀ ମିଳିଥିବା ବେଳେ ଆଗାମୀ ଦିନରେ ବୈଷୟିକ ଶିକ୍ଷା ଏବଂ ଡ଼ାକ୍ତରୀ ଶିକ୍ଷାରେ ମଧ୍ୟ ଏସଇବିସି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷଣ ଲାଗୁ କରାଯିବ। ସେହିପରି ଓଡ଼ିଶାରେ ଏସସି ଓ ଏସଟି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଚାକିରିରେ ଯେତେ ଆରକ୍ଷଣ ଅଛି, ସେତେ ମାତ୍ରାରେ ଶିକ୍ଷା କ୍ଷେତ୍ରରେ ଆରକ୍ଷଣର ବ୍ୟବସ୍ଥା ନାହିଁ। ସର୍ବଭାରତୀୟ ସ୍ତରରେ ଯେଉଁ ଅନୁପାତ ଅଛି, ସେହି ଅନୁପାତକୁ ଦେଖି ଏଠାରେ ଅନୁରୂପ ବ୍ୟବସ୍ଥା ହେବା ଦରକାର ।ଅପରପକ୍ଷରେ ଦେଶରେ ଉଚ୍ଚ ବର୍ଗର ଗରିବ ପିଲାମାନଙ୍କୁ ମଧ୍ୟ ସାମାଜିକ ନ୍ୟାୟରୁ ବଞ୍ଚିତ ନକରିବା ପାଇଁ ସେମାନଙ୍କୁ ପାଠପଢା ଓ ଚାକିରିରେ ସୁଯୋଗ ଦେବା ପାଇଁ ସଂରକ୍ଷଣ ତାଲିକାରେ ଇଡବ୍ଲୁଏସ ବର୍ଗକୁ ଏଥିରେ ଯୋଡାଯାଇଛି। ନରେନ୍ଦ୍ର ମୋଦୀଙ୍କୁ ଶ୍ରେୟ ନ ଦେବା ପାଇଁ ଓଡ଼ିଶାରେ ଉଚ୍ଚ ବର୍ଗର ଗରିବ ପିଲାମାନଙ୍କୁ ମଧ୍ୟ ଅଧିକାରରୁ ବଞ୍ଚିତ କରିଥିଲେ। ଏସଇବିସି ଓ ଓବିସି ବର୍ଗଙ୍କୁ ସରକାରୀ ସେବା ଓ ଶିକ୍ଷାନୁଷ୍ଠାନରେ ଇଡବ୍ଲୁଏସ କୋଟା ପ୍ରଦାନ କରିବା ପାଇଁ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ମାଝୀଙ୍କୁ ଅବଗତ କରାଯାଇଥିବା ମତ ପ୍ରକାଶ କରିଛନ୍ତି।

## ସରକାରଙ୍କ ୟୁ-ଟର୍ଣ୍ଣ: ପୁଣି ଥଇଥାନ ହେବେ ରିଟାର୍ଡ ଅଫିସର, ୮ମାସ ବି ଟିକ୍ତିଲାନି ନିର୍ଦ୍ଦେଶନାମା

ଭୁବନେଶ୍ୱର,୧୬।୫(ପି.ଏନ): ରାଜ୍ୟ ସରକାରରେ ଅଭିଜ୍ଞସମ୍ପନ୍ନ ଅଫିସରଙ୍କ ଅଭାବ ଓ ନିୟମିତ ନିଯୁକ୍ତି ପ୍ରକ୍ରିୟାରେ ବିଳମ୍ବକୁ ଆଳ କରି ପୁଣିଥରେ ରିଟାର୍ଡ ଅଫିସରମାନଙ୍କୁ ଥଇଥାନ ନିମନ୍ତେ ସରକାରୀସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡିଛି । ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ରିଟାର୍ଡ ଓଏଏସ୍ ଅଫିସରମାନଙ୍କୁ 'ଓଏସଡି' ଭାବେ ଚୁକ୍ତିଭିତ୍ତିକ ନିଯୁକ୍ତି ଦେବା ନିମନ୍ତେ ଆବେଦନ ଆହ୍ୱାନ କରାଯିବା ପରେ ସରକାରଙ୍କ ନୀତିରେ ୟୁ-ଟର୍ଣ୍ଣକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି । ବିଜେପି ସରକାର ରାଜ୍ୟରେ କ୍ଷମତାକୁ ଆସିବା ପରେ ୨୦୨୪ ସେପ୍ଟେମ୍ବର ୧୨ତାରିଖରେ ଏକ ନିର୍ଦ୍ଦେଶନାମା ଜାରି କରି ରିଟାର୍ଡ ଅଫିସର ଓ କର୍ମଚାରୀଙ୍କ ପୁନଃନିଯୁକ୍ତି ଉପରେ କଟକଣା ଜାରି କରିଥିଲେ । ଏପରିକି ବିଜେଡି ସରକାର ଅମଳରେ ଯେଉଁ ରିଟାର୍ଡ କର୍ମଚାରୀମାନେ ପୁନଃନିଯୁକ୍ତି ପାଇଥିଲେ ସେମାନଙ୍କର ନିଯୁକ୍ତି ଅବଧିକୁ ମଧ୍ୟ ବିଜେପି ସରକାର ଆଉ ବୃଦ୍ଧି କରିନଥିଲେ ଓ ଅତ୍ୟନ୍ତ ଜରୁରୀ ନଥିଲେ ଏଭଳି ପୁନଃନିଯୁକ୍ତି ହୋଇପାରିବ ନାହିଁ ବୋଲି ରୋକଠୋକ୍ ଜଣାଇ ଦେଇଥିଲେ ।

ରିଟାର୍ଡ ଓଏଏସ୍ ଅଫିସରଙ୍କଠୁ ଆବେଦନ ପତ୍ର ଆହ୍ୱାନ

ଓଡିଶା ପ୍ରଶାସନିକ ସେବା(ଓଏଏସ) ଅଫିସରମାନଙ୍କୁ 'ଓଏସଡି' ଭାବେ ଚୁକ୍ତିଭିତ୍ତିକ ନିଯୁକ୍ତି ଦେବା ନିମନ୍ତେ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆବେଦନପତ୍ର ଆହ୍ୱାନ କରାଯାଇଛି । ଏହି ନିଯୁକ୍ତି ପ୍ରାରମ୍ଭିକ ଭାବେ ଏକବର୍ଷ ପାଇଁ ହେବ ଓ କାର୍ଯ୍ୟ ସନ୍ତୋଷଜନକ ରହିଲେ ୩ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାଳ ବୃଦ୍ଧି କରାଯାଇପାରିବ । ମୋଟ ଚାରିବର୍ଷ କିମ୍ବା ସର୍ବାଧିକ ୬୫ବର୍ଷ ବୟସ ପର୍ଯ୍ୟନ୍ତ ସମ୍ପୃକ୍ତ କର୍ମଚାରୀ କାର୍ଯ୍ୟ କରିପାରିବେ ବୋଲି ଦର୍ଶାଯାଇଛି । ରିଟାର୍ଡ କର୍ମଚାରୀଙ୍କୁ ଥଇଥାନକୁ ବିରୋଧ କରୁଥିଲା ବିଜେପି

ରାଜ୍ୟରେ ବିଜେଡି ସରକାର ସମୟରେ ମୁଖ୍ୟ ବିରୋଧୀ ଦଳ ଭାବେ ବିଜେପି ହିଁ ରିଟାର୍ଡ କର୍ମଚାରୀଙ୍କୁ ସରକାରରେ ପୁନଃଥଇଥାନକୁ ତୀବ୍ର ବିରୋଧ କରୁଥିଲା । ରାଜ୍ୟରେ ଲକ୍ଷଲକ୍ଷ ସରକାରୀ ପଦବୀ ଖାଲି ପଡିଥିବାବେଳେ ତାକୁ ପୂରଣ ନକରି କାହିଁକି ଅବସରପ୍ରାପ୍ତ କର୍ମଚାରୀଙ୍କୁ ଥଇଥାନ କରାଯାଉଛି ବୋଲି ପ୍ରଶ୍ନ କରିବା ସହ ସରକାରଙ୍କ ନୀତିକୁ କଡା ସମାଲୋଚନା କରୁଥିଲା । ତେବେ ଗତବର୍ଷ ଜୁନ୍ ମାସରେ ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ରିଟାର୍ଡ କର୍ମଚାରୀଙ୍କୁ ସରକାରରେ ଥଇଥାନ ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରିଥିଲେ ।




# ସମୁଦ୍ର ଜାହାଜରେ କ୍ରିକେଟ୍ ଖେଳ



ଆପଣ ଅନେକ କ୍ରିକେଟ୍ ମ୍ୟାଚ୍ ଦେଖିଥିବେ । ଗାଁ ଗହଳିରେ ହେଉଥିବା କ୍ରିକେଟ୍ ଟୁର୍ଣ୍ଣାମେଂଟରେ ନିଜେ ଖେଳିଥିବେ ମଧ୍ୟ। କିନ୍ତୁ ଆପଣ ଅନୁମାନ କରିପାରୁଛନ୍ତି କି ସମୁଦ୍ର ଉପରେ କ୍ରିକେଟ୍ ଖେଳିବାର ମଜା କେମିତି ହେବ ଏମିତି ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସୋସିଆଲ ମିଡିଆରେ ଜଣେ ୟୁଜର ଏହି ଘଟଣାର ଏକ ଭିଡିଓ ସେୟାର କରିଛନ୍ତି। ଭିଡିଓରେ ଦେଖାଯାଉଛି କି ଏକ ବଡ ଜାହାଜରେ କିଛି ଲୋକ କ୍ରିକେଟ୍ ଖେଳୁଛନ୍ତି। ଏହି ଜାହାଜ ସମୁଦ୍ରରେ ଚାଲୁଥିବା ନଜର ଆସୁଛି। ତେବେ ଏହା ଖାଲି ଜାହାଜ ନୁହେଁ ବରଂ ଏକ ବିଳାସପୂର୍ଣ୍ଣ ସିପ୍। ଏଥିରେ କିଛି ଲୋକ କ୍ରିକେଟ୍ ଖେଳୁଥିବା ନଜର ଆସୁଛନ୍ତି। ଏହି ଖେଳ ସମୟରେ ସେମାନେ ବଲକୁ ଏମିତି ଏକ ମଜଭୁତ ସୂତା ସାହାଯ୍ୟରେ ବାନ୍ଧି ରଖିଛନ୍ତି ଯାହା ଫଳରେ ବଲଟି ପାଣିକୁ ଗଲେ ତାକୁ ପୁଣି ଆଣିହେବ। ସେହି ସୂତା ସହ ହିଁ ବୋଲର ବୋଲିଂ କରୁଛି ଏବଂ ବ୍ୟାଟ୍ସମ୍ୟାନ୍ ବ୍ୟାଟିଂ କରୁଛି। ସେମାନେ ଏମିତି ଆନନ୍ଦରେ ମ୍ୟାଚ୍ ଖେଳୁଛନ୍ତି ଲାଗୁଛି ସେମାନେ ସମୁଦ୍ର ଉପରେ ନୁହେଁ ବରଂ ଘର ପାଖ ପଡିଆରେ ଖେଳୁଛନ୍ତି। ସୋସିଆଲ ମିଡିଆରେ ଏହି ପୋଷ୍ଟକୁ ଅନେକ ଲୋକ ପସନ୍ଦ କରୁଛନ୍ତି। ୟୁଜର୍ସ କମେଂଟ କରୁଛନ୍ତି କି ଏହା ହେଉଛି ବେଷ୍ଟ ଗଲି କ୍ରିକେଟ୍ । ତେବେ ଏହା ଜଣାପଡିନି କି ଏହା କେଉଁ ସ୍ଥାନର ଭିଡିଓ। କିନ୍ତୁ ଭିଡିଓକୁ ସମସ୍ତେ ପସନ୍ଦ କରୁଛନ୍ତି ଏବଂ ଏହାକୁ ସେୟାର ମଧ୍ୟ କରାଯାଉଛି।

# ଗୋଟିଏ ଆଇଟମ୍ ଗୀତ ପାଇଁ ୫୦ ଲକ୍ଷ

ବଲିଉଡ ଏବଂ ସାଉଥ୍ ଅଭିନେତ୍ରୀ ତମନ୍ନା ଭାଟିଆ ପ୍ରାୟତଃ ଚର୍ଚ୍ଚାରେ ଥାଆନ୍ତି। ଅଭିନେତ୍ରୀଙ୍କ ସନ୍ଦୁରତା ପାଇଁ ସଭିଏଁ ଦିୱାନା। ତମନ୍ନା ବର୍ତମାନ ସ୍ୱିଜର ଲ୍ୟାଣ୍ଡରେ ତାଙ୍କର ଆଗାମୀ ଚଳଚ୍ଚିତ୍ର “ଭୋଲା ଶଙ୍କର” ର ସୁଟିଂରେ ବ୍ୟସ୍ତ ଅଛନ୍ତି। ତମନ୍ନା ଜଣେ ଅଭିନେତ୍ରୀ ହେବା ସହ ସୁନ୍ଦର ଡ୍ୟାନ୍ସର। କିନ୍ତୁ ଜାଣିଛନ୍ତି କି ସେ ଗୋଟିଏ ଆଇଟମ୍ ଗୀତ ପାଇଁ କେତେ ଚାର୍ଜ କରନ୍ତି। ରିପୋର୍ଟରେ ଦର୍ଶାଯାଇଛି ଯେ ଅନିଲ ରବିପୁଦିଙ୍କ ନିର୍ଦ୍ଦେଶିତ ତଥା ନନ୍ଦାମୁରୀ ବାଲକ୍ରିଷ୍ଣାଙ୍କ ଅଭିନୀତ ଫିଲ୍ମ ଏନ୍‌ବିକେ ୧୦୮ ରେ ତମନ୍ନା ଏକ ବିଶେଷ ଭୂମିକା ଗ୍ରହଣ କରିବାକୁ ଯାଉଛନ୍ତି। ତମନ୍ନା ଏକ ଆକର୍ଷଣୀୟ ଆଇଟମ୍ ଗୀତ କରିବାକୁ ରାଜି ହୋଇଛନ୍ତି, ଯେଉଁଥିପାଇଁ ସେ ୫୦,୦୦,୦୦୦ ଟଙ୍କା ମୂଲ୍ୟର ଫି ମାଗିଛନ୍ତି। ଏହା ବ୍ୟତୀତ ତମନ୍ନା ବର୍ତମାନ ନିର୍ଦ୍ଦେଶକ ନେସଲନ ଦିଲୀପ କୁମାରଙ୍କ ଅଭିନୀତ “ଜେଲର” ରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ପ୍ରଶଂସକଙ୍କ ସହ ନିଜର ଉତ୍ସାହ ବାଂଟି ସେ କିମ୍ବଦନ୍ତୀ ଅଭିନେତା ରଜନୀକାନ୍ତ ଏବଂ ମୋହନଲାଲଙ୍କ ସହ ଇନଷ୍ଟାଗ୍ରାମରେ ଫିଲ୍ମର ପ୍ରଥମ ଲୁକ୍ ସେୟାର କରିଥିଲେ। ତେବେ ଏନ୍‌ବିକେ ୧୦୮ ଦଳ ଏପର୍ଯ୍ୟନ୍ତ ଏହି ଖବର ବିଷୟରେ କୌଣସି ଅଫିସିଆଲି ସୂଚନା ପ୍ରକାଶ କରି ନାହାଁନ୍ତି ଏବଂ ତମନ୍ନା ସୋସିଆଲ ମିଡିଆରେ ଏ ବିଷୟରେ ନୀରବ ରହିଛନ୍ତି।



# ଆଲିଆଙ୍କ ପରେ ନୀତୁ କିଣିଲେ ବିଳାଶପୂର୍ଣ୍ଣ ଘର

ଅଭିନେତ୍ରୀ ତଥା ରଣବୀର କପୁରଙ୍କ ମା’ ନୀତୁ କପୁର। ଆଲିଆ ଭଟ୍ଟଙ୍କ ପରେ ସେ ବର୍ତମାନ ବିଳାଶପୂର୍ଣ୍ଣ ଆପାର୍ଟମେଂଟ କିଣିଛନ୍ତି। ରିପୋର୍ଟ ଅନୁଯାୟୀ, ଆଲିଆଙ୍କ ଶାଶୁ ନୀତୁ ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସରେ ବିଳାସପୂର୍ଣ୍ଣ ୪-ବିଏଚ୍‌କେ ଫ୍ଲାଟ କିଣିଛନ୍ତି।



ଯାହାର ମୂଲ୍ୟ ୧୭.୪ କୋଟି ଟଙ୍କା। ଆପାର୍ଟମେଂଟଟି ୩୩୮୭ ବର୍ଗଫୁଟ, ଏହି ଘରେ ତିନୋଟି ପାର୍କିଂ ସ୍ଥାନ ରହିଛି। ପଞ୍ଜୀକରଣ ଦଲିଲ ଅନୁଯାୟୀ, ଏହି ସମ୍ପତି କିଣିବା ପାଇଁ ନୀତୁ କପୁର ୧.୦୪କୋଟି ଟଙ୍କା ଷ୍ଟାମ୍ପ ଡ୍ୟୁଟି ଦେଇଥିବା ବେଳେ ଆପାର୍ଟମେଂଟ ମେ’ ୧୦, ୨୦୨୩ରେ ତାଙ୍କ ନାଁରେ ପଞ୍ଜୀକୃତ ହୋଇଛି। ନୀତୁ କପୁର କିଣିଥିବା ସମ୍ପତି ସନଟ୍ଟେକ୍ ରିଅଲିଟିର ସିଗନିଆ ଆଇଲେରେ ଅବସ୍ଥିତ। ସିଗନିଆ ଆଇଲେ ଏକ ୧୯ମହଲା କୋଠା ହୋଇଥିବା ବେଳେ ନୀତୁ କପୁର ସପ୍ତମ ମହଲାରେ ଏହି ଆପାର୍ଟମେଂଟ କିଣିଛନ୍ତି। ଏହି ଆପାର୍ଟମେଂଟ ସୋଫିଟେଲ ହୋଟେଲର ଠିକ୍ ବିପରୀତରେ ଥିବା କୁହାଯାଉଛି। ନିକଟରେ ଆଲିଆ ଭଟ୍ଟ ବାନ୍ଦ୍ରାଠାରେ ଏକ ନୂଆ ଫ୍ଲାଟ କିଣିଥିଲେ। ଯାହାର ମୂଲ୍ୟ ୩୭ କୋଟି ଟଙ୍କା। ଏହା ବ୍ୟତୀତ ଆଲିଆ ଆଉ ଦୁଇଟି ଫ୍ଲାଟ କିଣିଛନ୍ତି। ଆଲିଆ ଏହି ଫ୍ଲାଟକୁ ତାଙ୍କ ଭଉଣୀ ଶାହିନ ଭଟ୍ଟଙ୍କୁ ଦେଇଛନ୍ତି। ସୂଚନାନୁସାରେ, ଆଲିଆ ଏବଂ ରଣବୀର କପୁର ମଧ୍ୟ ସେମାନଙ୍କ ନୂତନ ଗୃହ ନିର୍ମାଣ ଉପରେ ଦୃଷ୍ଟି ରଖିଛନ୍ତି।



# ରାଜାମୌଳି ବଦଳାଇଥିଲେ ଜୁନିଅର ଏନଟିଆରଙ୍କ ଭାଗ୍ୟ

ଜୁନିଅର ଏନଟିଆର ଏବଂ ରାଜାମୌଳିର ଯୋଡି ସ୍କ୍ରିନ୍‌ରେ ଧମାକା କରିଛି। ଆରଆରଆର ମାଧ୍ୟମରେ ସମଗ୍ର ବିଶ୍ୱ ଏହା ଦେଖି ସାରିଛି। ହିନ୍ଦୀ ଦର୍ଶକମାନେ ମଧ୍ୟ ତାଙ୍କ ଡବିଂ ଚଳଚ୍ଚିତ୍ର ଟିଭିରେ ଦେଖିଥିବେ। କିନ୍ତୁ ତାଙ୍କର ଏହି ବିସ୍ଫୋରକ ଅବତାରରେ ଦେଖି ଲୋକଙ୍କ ପ୍ରତିକ୍ରିୟା ଅଜବ ଥିଲା। ବିଶେଷକରି ଫିଲ୍ମର ଏକ ଏନ୍‌ଟିଆରର କାମ ଦେଖିବା ପରେ ଲୋକମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏହି ଗୀତରେ ଜୁନିୟର ଏନ୍‌ଟିଆରଙ୍କ ପ୍ରଦର୍ଶନ ଉପରେ ରାଜାମୌଳି କହିଥିଲେ, ‘ମୁଁ ଭାବୁନାହିଁ ଯେ ଭାରତୀୟ ପରଦାରେ ଅନ୍ୟ କୌଣସି ଅଭିନେତା’ ଅଛନ୍ତି ତାହା ଆଉ କେହି କରିପାରିବେ ନାହିଁ। ଆଧୁନିକ ଭାରତୀୟ ସିନେମା ଯୁଗରେ ରାଜାମୌଳି ସବୁଠାରୁ ସଫଳ ତଥା ପ୍ରତିଭା ନିର୍ଦ୍ଦେଶକଙ୍କ ମଧ୍ୟରେ ଗଣାଯାଏ । ପରଦାରେ ଧମାଲ କରିଥିବା ଏହି ଯୋଡି ବାସ୍ତବ ଜୀବନରେ ମଧ୍ୟ ଅତି ନିକଟତର। ଏତେ ନିକଟତର ଯେ ଜୁନିଅର ଏନଟିଆର ରାଜମୌଳିଙ୍କୁ ତାଙ୍କ ସଫଳତାର ଶ୍ରେୟ ଦେଇଥିଲା। କାହିଁକି ନା ଆରଆରଆର ଏହାକୁ ଓସ୍କାର ଦୌଡ଼ରେ ସାମିଲ୍ ହୋଇଥିଲା ଏବଂ ପୁରସ୍କାର ମଧ୍ୟ ପାଇଲା। ତେଲୁଗୁ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିର ଦୁଇଟି ବଡ଼ ସ୍ତମ୍ଭ ମଧ୍ୟରୁ ଏନ୍.ଟି ରାମା ରାଓଙ୍କ ନାତି ପିଲାଦିନରୁ ଅଭିନୟ ଆରମ୍ଭ କରିଥିଲେ। ୭ ବର୍ଷ ବୟସରେ ତାଙ୍କ ଜେଜେବାପାଙ୍କ ଚଳଚ୍ଚିତ୍ର ‘ବ୍ରହ୍ମର୍ଶୀ ବିଶ୍ୱମିତ୍ର’ ସହିତ ଅଭିନୟ ଆରମ୍ଭ କରିଥିଲେ। ୧୯୯୭ ରେ, ସେ ‘ରାମାୟଣ’ରେ ପ୍ରଭୁ ରାମଙ୍କ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ‘ଷ୍ଟୁଡେଂଟ ନମ୍ବର-୧’ ପରେ, ତାରକର ପରବର୍ତୀ ୪ଟି ଚଳଚ୍ଚିତ୍ରରେ କାମ କରିଥିଲେ। ହେଲେ ‘ଆଦି’ (୨୦୦୨) ଏକ ବଡ଼ ହିଟ୍ ହୋଇଥିଲା। ୨ ଟି ଚଳଚ୍ଚିତ୍ର ଫ୍ଲପ୍ ଏବଂ ଗୋଟିଏ ଆଭରେଜ ଥିଲା। ୨୦୦୩ରେ, ‘ସିମହାଦ୍ରି’ ସହିତ ରାଜାମୌଳି-ତାରକର ଯୋଡି ପୁଣି ଥରେ ବଡ ପରଦାରେ ଧମାଲ କରିବା ସହ ଚଳଚ୍ଚିତ୍ର ବହୁତ କଲେକସନ୍ କରିଥିଲା। ରାଜମୌଳିଙ୍କ ସହ ମିଳିତ ହେବା ପୂର୍ବରୁ ସେ ୬ ଟି ଚଳଚ୍ଚିତ୍ର କରିଥିଲେ, ସେଥିମଧ୍ୟରୁ ୪ଟି ଫ୍ଲପ୍ ଥିଲା। ବାରମ୍ବର ବିଫଳ ହେବା ପରେ ୨୦୦୭ରେ, ରାଜମୌଳି ଏବଂ ଏନ୍‌ଟିଆର ପୁଣି ଥରେ ‘ୟାମଡୋଙ୍ଗା’ରେ ଏକାଠି ହୋଇଥିଲେ। ଯାହା ବକ୍ସ ଅଫିସରେ ଭଲ କଲେକସନ କଲା। ୨୦୧୩ରେ ପ୍ରଥମ ଥର ପାଇଁ ‘ବାଦଶାହ’ ସହିତ ବକ୍ସ ଅଫିସରେ ୧୦୦ କୋଟି ସଫଳତାର ଚିଢି ଚଢିଥିଲେ। ୨୦୧୬ରେ ‘ନାନ୍ନାକୁ ପ୍ରେମାଥୋ’ ସହିତ କ୍ରମାଗତ ସେଞ୍ଚୁରି ମାରିଲେ। ଏହି ସମୟରେ ସେ ‘ଜନତା ଗ୍ୟାରେଜ’, ‘ଜୟ ଲଭ କୁଶ’ ଏବଂ ‘ଅରବିନ୍ଦ ସମଥା’ ଭଳି ବଡ଼ ହିଟ୍ ଦେଲେ। ୨୦୨୨ରେ, ଏନଟିଆର ଏବଂ ରାଜମୌଳି ପୁଣି ଥରେ ଆରଆରଆରରେ ଏକାଠି ହେଲେ। ରାମ ଚରଣଙ୍କ ସହ ଲିଡ୍ କରୁଥିବା ଏନଟିଆର ଭାରତୀୟ ସିନେମାକୁ ସବୁଠୁ ବଡ ହିଟ୍ ଫିଲ୍ମ ଦେଇଥିଲେ। ଆରଆରଆର ୧୧୦୦ କୋଟିରୁ ଅଧିକ ରୋଜଗାର କରୁଥିବା ଚଳଚ୍ଚିତ୍ର ହୋଇପାରିଛି। ଜୁନିଅର ଏନ୍‌ଟିଆର ବିଷୟରେ କହିବାକୁ ଗଲେ, ତାଙ୍କର ପରବର୍ତୀ ଚଳଚ୍ଚିତ୍ରର ଟାଇଟଲ୍ ‘ଏନ୍‌ଟିଆର ୩୦’ ଭାବରେ ରଖାଯାଇଛି। ‘ଜନତା ଗ୍ୟାରେଜ୍’ ନିର୍ଦ୍ଦେଶକ କରତାଲା ଶିବାଙ୍କ ସହ ତାଙ୍କ ଚଳଚ୍ଚିତ୍ରରେ ଏକ ବଡ଼ ହିଟ୍ ହେବ ବୋଲି ଆଶା କରାଯାଉଛି। ଏହା ପରେ ତାଙ୍କୁ ‘କେଜିଏଫ୍’ ଫେମ୍ ପ୍ରଶାନ୍ତ ନୀଲଙ୍କ ପରବର୍ତୀ ଚଳଚ୍ଚିତ୍ରରେ ଦେଖିବାକୁ ମିଳିବ। ଯାହାର ବହୁତ ବଡ ହିଟ୍ ହୋଇପାରେ ବୋଲି କୁହାଯାଉଛି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୫, ମଇ ୧୭

# ଜୀବନ ଯନ୍ତ୍ରଣାର ଆବେଗ, କୋହ ଓ ମୂଲ୍ୟହୀନ ସଂଘର୍ଷ



ଶ୍ରୀକାନ୍ତ କୁମାର ସାହୁ

ବାଲେଶ୍ୱରର ବାହାନଗାରେ ମର୍ମନ୍ତୁଦ ରେଳ ଦୁର୍ଘଟଣା ଛାତି ଥରାଇ ଦେଇଛି କେବଳ ଓଡ଼ିଶାବାସୀଙ୍କୁ ନୁହେଁ ସମଗ୍ର ବିଶ୍ୱବାସୀଙ୍କୁ। ବାପା ହରାଇଛି ପୁଅକୁ, ସ୍ତ୍ରୀ ହରାଇଛି ସ୍ୱାମୀକୁ, ବନ୍ଧୁ ହରାଇଛି ବନ୍ଧୁକୁ ଆଉ ସର୍ବୋପରି ଅନେକ ପରିବାରର ଆଶା, ବିଶ୍ୱାସ, ଭଲ ପାଇବା ସବୁକିଛି ପୋଛି ହୋଇଯାଇଛି ଏହି ଅଭାବନୀୟ କ୍ଷେତ୍ରରେ। ଆପଣ କ'ଣ ଭାବୁଛନ୍ତି ବାହାନଗାର ଦୁଃଖ। ଆମ ମାନଙ୍କ ଜୀବନରେ ପ୍ରତିଟି ମୁହୂର୍ତ୍ତରେ ବି ସଂଗଠିତ ହେଉଛି। କର୍ମମୟ ଜୀବନ ଭିତରେ ପେଟପାଟଣା, ଜୀବନ ଯୁଦ୍ଧର ଲଢ଼େଇ ଭିତରେ ଆମେ ସମସ୍ତେ ପରିଶ୍ରମ କରୁଛୁ କାରଣ ଆମ ସହ ଆମ ଘର ପରିବାର, ଆତ୍ମୀୟ ସ୍ୱଜନଙ୍କ ପାଇଁ ହିଁ ଏହି ଖଟିଖିଆ ଜୀବନର ଏହି ଲଢ଼େଇ କିନ୍ତୁ ବାସ୍ତବରେ ଆମକୁ କ'ଣ ସମସ୍ତେ ଠିକ ବିଚାର କରୁଛନ୍ତି ? କ'ଣ ପାଇଁ, କାହା ପାଇଁ ? ଜୀବନ ସଂଗ୍ରାମ ଭିତରେ ସୁଖ ଭିତରେ ଦୁଃଖ ଅଛି, ଅପ୍ରାପ୍ତି ଭିତରେ ପ୍ରାପ୍ତି ଅଛି କିନ୍ତୁ ନାହିଁ ଭଲ ପାଇବା। ସବୁକିଛି ଭଙ୍ଗା ସଂସାରର ମିଛ ଛଳନା । ଯେଉଁଠି କର୍ମବ୍ୟସ୍ତ ଜୀବନ ନିର୍ବାହ କରି ନିଜ ଘରକୁ ଫେରୁଥିବା ଲୋକ ଆହ୍ୱାନ ପାଇଥାଏ। ଅର୍ଥାତ୍ ସେଠି ନଥାଏ ଭଲ ପାଇବା, ସେଠି ଥାଏ ବିଭିନ୍ନ ପ୍ରଶ୍ନବାଣର ଉଚ୍ଚାଟ, ଅନୁଚାରିତ ପ୍ରଶ୍ନର ଫୋପଡ଼ା ବାଣ। ଆମେ ଭଗବାନ ନୁହେଁ କିନ୍ତୁ ଭଗବାନଙ୍କ ସୃଷ୍ଟିରେ ଆମେ ଜଣେ ମଣିଷ କିନ୍ତୁ ଜୀବନ ଲଢ଼େଇ ଭିତରେ ଯେଉଁ ଲୋକଟି କର୍ମବ୍ୟସ୍ତ ଥକ୍କା ହୋଇ ନିଜ ଘରକୁ ଫେରିଥାଏ ସେ କ'ଣ ଚାହିଁଥାଏ ? ସେ ଚାହିଁ ଥାଏ ମା'ର ପଣତ କାନି, ସେ ଚାହିଁଥାଏ ପ୍ରିୟତମା ଜୀବନର ଅର୍ଦ୍ଧାଙ୍ଗିନୀର ପ୍ରେମ ଆବେଗ, ସେ ଚାହିଁଥାଏ ପିଲାମାନଙ୍କର ମମତାବୋଧର କିଛି ଭଲ ପାଇବା। କିନ୍ତୁ ସବୁ ସରିଯାଏ ଯେତେବେଳେ ଆମକୁ ତଥାକଥିତ ଭାବେ ଚରିତ୍ର ସଂହାର ନାମରେ ତୁମେ ଜଣେ ଅମଣିଷ, ତୁମେ ଜଣେ ନିଶାସକ୍ତ, ତୁମେ ଜଣେ ଦାୟିତ୍ୱହୀନ ! ସତରେ ଏହା କଣ ଜୀବନ। ତାହାହେଲେ ଏ ଜୀବନ ଆମେ ବଞ୍ଚୁଛୁ କାହା ପାଇଁ, କ'ଣ ପାଇଁ ? ଜଣେ ନିର୍ଦ୍ଦୋଷ, ନିରୀହ ହୋଇ ବି ଯେତେବେଳେ ତାର ଉପରେ ଆରୋପ, ଲାଞ୍ଛନା ଆସେ ସେ ଜଣେ ସୁସ୍ଥ ମସ୍ତିଷ୍କ ଭାବେ କାର୍ଯ୍ୟ କରିପାରିବ ତ ?ଜୀବନରେ ପ୍ରେମ ହିଁ ବହୁତ ବଡ଼ କିନ୍ତୁ ଯେଉଁ ଅପ୍ରାପ୍ତ ପ୍ରେମ ଆମ ଜୀବନର ମୋଡ଼ ବଦଳାଇ ଦେଲା, କ'ଣ ପାଇଁ ? ଏହା ବି କ'ଣ ଭଗବାନଙ୍କ ଇଚ୍ଛା। ତାହାହେଲେ ଜଣେ ଯାଯାବର ଜୀବନ ବିତାଇ ଖୁସିରେ ରହିପାରିବ। ଜୀବନରେ ଅଭାବ ରହିବ, ଅପ୍ରାପ୍ତି ରହିବ, ଦୁଃଖ ରହିବ, ଯନ୍ତ୍ରଣା ରହିବ କିନ୍ତୁ ଏ ସବୁ ଭିତରେ ଆମେ ଜୀବନ ତ ବଞ୍ଚାଇବା ନାଁ, କିନ୍ତୁ ମାର ମାର ଭଣ୍ଡାରିଆକୁ ମାର ପରି ଆରୋପ କ'ଣ ପାଇଁ ଆମ ଜୀବନକୁ ଆସିଥାଏ ମୁଁ ଜାଣିବି ପାରୁନି। ଭଗବାନ ଜୀବନରେ ଯେଉଁ ସ୍ୱପ୍ନର ଆଶା ଉଜ୍ଜୀବିତ କରିଥିଲେ ସେଠି ବଡ଼ ଥିଲା ଭଲ ପାଇବାର ଆବେଗ, ନୂଆ ସଂସାର ଜୀବନ ପାଇଁ ଅପେକ୍ଷାମାଣ ମୁହୂର୍ତ୍ତ। ସେଠି ବଡ଼ ନଥିଲା ଦେହ, ବଡ଼ ଥିଲା ବିଶ୍ୱାସର ଭଲ ପାଇବା ସେହି ପ୍ରେମ ଆବେଗର ତାଜମହଲ ଯେତେବେଳେ ଭୁଷୁଡ଼ି ଗଲା ସବୁ ତ ସରିଗଲା ଏବଂ ଆମ ଜୀବନକୁ ଆମ ଅନ୍ଧାରର ଏକ କାଳରାତ୍ରୀକୁ ଯେଉଁ ରାତ୍ରୀର ସକାଳ ହିଁ ନାହିଁ। ଜୀବନ ଯୁଦ୍ଧର ଲଢ଼େଇ ଭିତରେ ଆମେ ସମସ୍ତେ ଆଶା କରୁଛୁ ସେହି ନୂଆ ଜୀବନକୁ ଯେଉଁ ଜୀବନରେ ଅଛି ବିଶ୍ୱାସର ଫଳଶ୍ରୁତି, ପ୍ରେମର ପରିଭାଷା, ମାଆର ପ୍ରାର୍ଥନା, ପିଲାମାନଙ୍କ ଦୃଢ଼ ନିଷ୍ଠ ଆବେଗ, ଆତ୍ମୀୟ ମାନଙ୍କର ଆଶୀର୍ବାଦ ଏବଂ ବନ୍ଧୁ ମାନଙ୍କ ଦୁଃଖ ଭିତରେ କୋଳେଇ ନେବାର ସ୍ନେହ। ସବୁ କିଛି ସରିଯାଉଛି ଜୀବନ ଲମ୍ବା ଲଢ଼େଇର କ୍ଷେତ୍ର ନୁହେଁ ଆସନ୍ତୁ ନିଜକୁ ଟିକେ ବିଚାର କରିବା ଏବଂ ସର୍ବୋପରି ଏହି ବିଚାରର ଶେଷ ଠିକଣା ଦେବା ସେହି ପ୍ରେମପ୍ରଣୟିନୀକୁ ଦେବା ଭଗବାନ ସଦୃଶ ବପା-ମାଆଙ୍କୁ। ଥରେ ନିଜ ହୃଦୟକୁ ପଚାରି, ଆତ୍ମାକୁ ପଚାରି ବୁଝନ୍ତୁତ ମୁଁ କ'ଣ ଭୁଲ ଲେଖୁଛି ?

ବିଡ଼ାନାସୀ, ନୂଆସାହି, କଟକ,
ଦୂରଭାଷ : ୭୦୦୮୩୨୫୭୩୧

# ଓଡ଼ିଶା ବିଜେପି ଓ ପିକେଙ୍କ ଭବିଷ୍ୟ ବାଣୀ



ଗୋପୀନାଥ ଦାଶ

ଓଡ଼ିଶା ରାଜନୀତିରେ ନୁହଁ ତମାମ ଭାରତୀୟ ରାଜନୀତିରେ ରାଜନୀତି ବିଷୟରେ ସର୍ବନିମ୍ନ ଜାଣିଥିବା ବା ରାଜନୀତିରେ ଆଗ୍ରହ ରଖୁଥିବା ଯେ କେହି ଲୋକଟା ପିକେ ବା ପ୍ରଶାନ୍ତ କିଶୋରଙ୍କୁ ବେଶ୍ ଭଲ ଭାବରେ ଜାଣିଥିବେ। ଜଣେ ନାମାଜାଦା ରାଜନୈତିକ ରଣନୀତିକାର ଭାବେ ସେ ବେଶ୍ ପ୍ରସିଦ୍ଧ। ୨୦୧୪ ଲୋକସଭା ନିର୍ବାଚନରେ ସେ ବିଜେପିର ମୁଖ୍ୟ ରଣନୀତିକାର ଥିଲେ। ସେସମୟରେ କେହି ବିଜେପିର ଏପରି ସମ୍ଭାବ୍ୟ ବିଜୟ ଲହରୀକୁ ନେଇ ମାପି ପାରିନଥିବା ବେଳେ ସେ କିନ୍ତୁ ବିଜେପିର ଜିତାପଟ ପାଇଁ କାର୍ଯ୍ୟ କରୁଥିଲେ। ପରେ ୨୦୨୧ରେ ପଶ୍ଚିମ ନିର୍ବାଚନରେ ତୃଣମୂଳ କଂଗ୍ରେସ ତାଙ୍କୁ ନିଜ ରଣନୀତିକାର ଭାବେ ଉପଯୋଗ କରି ବେଶ୍ ଫାଇଦା ଉଠାଇଥିଲା। ସେସମୟରେ ପ୍ରଶାନ୍ତ କିଶୋର ଯାହା ଭବିଷ୍ୟ ବାଣୀ କରିଥିଲେ ସବୁ ସତ ହୋଇଥିଲା। ଏବେ ଆସିବା ୨୦୨୪ ଲୋକସଭା ନିର୍ବାଚନ ବିଷୟରେ ଆଲୋଚନା ପାଇଁ। ସହଜେ ବିଜେପିର ତମାମ ଦେଶରେ ପ୍ରଚଣ୍ଡ ହାୱା ରହିଛି। ମୋଦିଜୀଙ୍କ ଦୃଢ଼ ଆସ୍ଥା ଓ ବିଶ୍ୱାସ ଭାରତୀୟଙ୍କ ଭିତରେ ଏକ ଜାଗରଣ ସୃଷ୍ଟି କରିଛି। କେନ୍ଦ୍ରରେ ବିଜେପି ଯେ ଫେରୁଛି ତାହା ବିରୋଧୀମାନେ ମଧ୍ୟ ଗ୍ରହଣ କରିସାରିଲେଣି। ସହଜେ ତ ଭାରତୀୟ ରାଜନୀତିରେ ବିରୋଧିମାନେ ଦିନକୁ ଦିନ ଲାଞ୍ଛିଛିଣ୍ଡା ଚରିତ୍ର ପରି ପାଲଟିଗଲେଣି। ତେବେ ବଡ଼ କଥା ହେଉଛି ଭାରତୀୟ ରାଜନୀତିରେ ବିଜେପି ଯେଉଁପରି ଭାବେ ଦିନକୁ ଦିନ ତୃଣମୂଳ ସ୍ତରରୁ ବେଶ୍ ସଙ୍ଗଠିତ ହୋଇ ଦିନକୁ ଦିନ ତାହା ଦୁର୍ଗ ମଜବୁତ୍ କରୁଛି ଅନ୍ୟ ବିରୋଧୀମାନେ ଏ କ୍ଷେତ୍ରରେ ସମ୍ପୂର୍ଣ୍ଣ ପଛରେ ପଡ଼ିଯାଇଛନ୍ତି।

ଓଡ଼ିଶାରେ ରାଜନୀତି ପୁରାପୂରି ସରଗରମ ରହିଛି। ବିଜେଡ଼ି-ବିଜେପି ଭିତରେ ମେଣ୍ଟ ହେବ ବୋଲି ଅନେକ ଚର୍ଚ୍ଚା, ଆଲୋଚନା ଚାଲିଥିଲା। ଏକ ନ୍ୟୁଜ୍ କନକ୍ଲେଭ୍‌ରେ ଭି.କେ. ପାଣ୍ଡିଆନ କହିଥିଲେ ଯେ ଭାଜପାର ବିନା ସମର୍ଥନରେ ଓଡ଼ିଶାରେ ବିଜେପି ବିପୁଳ ସଂଖ୍ୟା ଗରିଷ୍ଠତା ପାଇ ସରକାର ଗଢ଼ିବ। ୨୦୨୨ ପଞ୍ଚାୟତ ନିର୍ବାଚନରେ ବିଜେଡ଼ିକୁ ୯୦ ଭାଗ ଆସନ ମିଳିଥିଲା ବୋଲି ବେଶ୍ ଦୃଢ଼ୋକ୍ତି ମଧ୍ୟ ଦେଖାଇଥିଲେ। କିନ୍ତୁ ୨୦୨୪ରେ ମେଣ୍ଟ ପରିକଳ୍ପନା ଏକପ୍ରକାର ଆକାଶ କଇଁଆ ଚିଲିକା ମାଛ ହୋଇଗଲା ପରେ ବିଜେଡ଼ି ନେତୃତ୍ୱ ନର୍ଭସରେ ରହିଛି। କିଛିଦିନ ତଳେ ବିଜେଡ଼ିର ବଡ଼ ବଡ଼ ମାମଲତକାରମାନେ ବହୁ ଜୋର୍‌ଦାର ଭାବରେ କହୁଥିଲେ ଯେ ବିଜେଡ଼ି ଏଥର ବିଧାନସଭା ଓ ଲୋକସଭା ସିଟ୍ ସବୁ ଏକପାଖିଆ ପୋଛି ନେଇଯିବ। ଇଆଡ଼େ ବିଜେଡ଼ି ଅନ୍ୟ ଦଳରୁ ନେତା ଗୋଟେଇ ଯୁଦ୍ଧ ଲଢ଼ିବାକୁ ପ୍ରସ୍ତୁତି ହେଉଛି। ତେବେ ସବୁଠାରୁ ବଡ଼କଥା ହେଲା ରାଜନୀତି ରଣନୀତିକାର ପ୍ରଶାନ୍ତ କିଶୋର ଯେଉଁ ଭବିଷ୍ୟବାଣୀ କରିଛନ୍ତି ତାହା ପୁଣି ଓଡ଼ିଶାରେ ବିଜେପିର ସମ୍ଭାବ୍ୟ ବିଜୟକୁ ନେଇ, ଏହା ତ ବିଜେଡ଼ିର ଛାମୁଆଁ ନେତା ତଥା ମାର୍ଗଦର୍ଶକଙ୍କ ହୋସ୍ ଉଡ଼ାଇବାକୁ ଯଥେଷ୍ଟ। ପ୍ରଶାନ୍ତ କିଶୋର ପିଟିଆଇସ ଏକ ସାକ୍ଷାତ୍କାରରେ କହିଛନ୍ତି ୨୦୧୪ କିମ୍ବା ୨୦୧୯ରେ ତାମିଲନାଡୁ ହେଉ ବା ଆନ୍ଧ୍ରପ୍ରଦେଶ, ଓଡ଼ିଶା ହେଉ ବା ତେଲେଙ୍ଗାନା, ପଶ୍ଚିମବଙ୍ଗ ବା ବିହାର ୫୦ ଆସନରୁ ଅଧିକ ସିଟ୍ ବିଜେପି ପାଇପାରିନଥିଲା। ୨୦୧୪ରେ ୨୯ଟି ଓ ୨୦୧୯ରେ ୪୭ ସିଟ୍ ବିଜେପି ଦଖଲ କରିଥିଲା। ତେବେ ପ୍ରଶାନ୍ତ କିଶୋରଙ୍କ ଆଶ୍ଚର୍ଯ୍ୟ ଚକିତ କଲାପରି ଭବିଷ୍ୟବାଣୀ ହେଉଛି ଯେ ଓଡ଼ିଶାରେ ଆଉ ପଶ୍ଚିମବଙ୍ଗରେ ବିଜେପି ଏକ ନମ୍ବର ସ୍ଥାନ ଦଖଲ କରିବ। ଅର୍ଥାତ୍ ଏହି ଦୁଇଟି ରାଜ୍ୟରେ ବିଜେପି ଶାସନଗାଦିକୁ ଫେରୁଛି।

ଲୋକସଭା ସିଟ୍ କ୍ଷେତ୍ରରେ ୨୦୧୪ରେ ବିଜେପି ଓଡ଼ିଶାରୁ ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ର ଜିତି ମାତ୍ର ଗୋଟିଏ ଲୋକସଭା ସିଟ୍ ହାତେଇଥିଲା। କିନ୍ତୁ ବିଜେଡ଼ି କ୍ଲିନ୍ ସୁଇପ୍ କରିଥିଲା, କିନ୍ତୁ ୨୦୧୯ରେ ଲୋକସଭାର ୩୮% ଭୋଟ୍ ହାର ସହ ୮ଟି ଆସନ ଦଖଲ କରିଥିଲା ଆଉ ୪ଟି ସଂସଦୀୟ କ୍ଷେତ୍ରରେ ବିଜେଡ଼ିକୁ ଅଣନିଃଶ୍ୱାସୀ କରି ଏକପ୍ରକାର ପାଣି ପିଆଇ ଦେଇଥିଲା ମଇଦାନରେ। ଏଯାବତ୍ ଯେତିକି ଜନମତ ସର୍ଭେ ହୋଇଛି ବିଜେଡ଼ି ଓ ବିଜେପି ଉଣେଇଶ୍-ବିଶ୍ ସ୍ଥିତିରେ ଅଛନ୍ତି। ବିଜେପିର ଭୋଟ ହାର ଦିନକୁ ଦିନ ବଢୁଛି ଆଉ ଓଡ଼ିଶାରେ ଶାସନ ବିରୋଧୀ ଅର୍ଥାତ୍ ବିଜେଡ଼ି ବିରୁଦ୍ଧରେ ଜନମତର ଲହରୀ ରହିଛି। ଅନେକ ହୁଏତ ଆଶ୍ଚର୍ଯ୍ୟ ଚକିତ ହୋଇପାରନ୍ତି। ଏଠାରେ ଗୋଟିଏ ଛୋଟିଆ ଉଦାହରଣ ଦେଉଛୁ। ଯାଜପୁର ଜିଲ୍ଲାର ତମାମ ନିର୍ବାଚନ ମଣ୍ଡଳୀରେ ବିଜେଡ଼ିର ପ୍ରଭାବ ଓ ଦବ୍‌ଦବା କୁହାଯାଏ। ଏହି ଜିଲ୍ଲାକୁ ବିଜେଡ଼ିର ଭୋଟ ରାଜନୀତି କ୍ଷେତ୍ରରେ ଅଭେଦ ଦୁର୍ଗ ବୋଲି କୁହାଯାଏ। ଏହି ଜିଲ୍ଲାର ବଡ଼ଚଣା ନିର୍ବାଚନ ମଣ୍ଡଳୀ ଏକ ହାଇ ଭୋଲଟେଜ୍ ଲଢ଼େଇ ହେଉଥିବା ନିର୍ବାଚନ ମଣ୍ଡଳୀ କହିଲେ ଅତ୍ୟୁକ୍ତି ହେବନାହିଁ। ଏଠାରେ ବିଜେଡ଼ିର ପୁରୁଣା ନେତା ଅମର ପ୍ରସାଦ ଶତପଥୀ ଜିତି ଆସୁଛନ୍ତି। ଅମର ପ୍ରସାଦ ଶତପଥୀଙ୍କୁ କେହି କେହି ପ୍ରଭାବଶାଳୀ, ଅନୁଭବୀ ଓ ଦକ୍ଷ ନେତା ଭାବେ କୁହନ୍ତି। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ମାତ୍ର ପନ୍ଦର ଶହରୁ କମ୍ ଭୋଟ୍ ବ୍ୟବଧାନରେ ଏଠାରୁ ବିଜେପିର ତରୁଣ, ଉଦୀୟମାନ ଓ ଛାତ୍ର ଜୀବନରୁ ଦେଶ, ସମାଜ ପାଇଁ ସଂଗ୍ରାମ କରୁଥିବା ଲଢୁଆ ପୁଅ ଅମର ନାୟକ ଅକ୍ଳେକେ ହାରି ଯାଇଥିଲେ। ତଥାକଥିତ ସରକାରୀ ଦଳ, ବଳ, କୌଶଳ, ଅର୍ଥ, ପତିପତି ସବୁ ଆଗରେ ଜଣେ ଯୁବବ୍ୟକ୍ତିତ୍ୱ ଲଢ଼େଇକରି ବିଜୟର ପାଖାପାଖି ପହଞ୍ଚିପାରିଥିଲେ। ତାଙ୍କ ପାଖରେ ଅର୍ଥବଳ, ବାହୁବଳ ବା କ୍ଷମତା, ପତିପତି କିଛିହିଁ ନଥିଲା। ଅମର ନାୟକଙ୍କୁ ଯିଏ ଜାଣିଥିବେ ପାଖରୁ ଜଣେ ପରୋପକାରୀ, ବନ୍ଧୁବତ୍ସଳ, ସଙ୍ଗଠକ ତଥା ଦଳ ପାଇଁ ସମର୍ପିତ ଉଦୀୟମାନ ବ୍ୟକ୍ତିତ୍ୱ ଭାବେ ଜାଣନ୍ତି। କିଛି ଦିନ ତଳେ ମୋଦିଜୀ ଏହି ଚଣ୍ଡିଖୋଲରେ ଏକ ଦଳୀୟ ସମାବେଶରେ ଯୋଗ ଦେଇଥିଲେ। ଏଥିରେ ଅଭୁତପୂର୍ବ ଜନସମାଗମ ହୋଇଥିଲା। ମୋଦିଜୀଙ୍କୁ ଦେଖିବା ପାଇଁ ଲୋକମାନଙ୍କର ଆଗ୍ରହ ରହିଥିବା ସହ ଏଥିରୁ ସ୍ପଷ୍ଟ ପ୍ରମାଣିତ ହୋଇଥିଲା ଯେ ଅମର ନାୟକଙ୍କ ସହିତ ସ୍ଥାନୀୟ ଜନସାଧାରଣଙ୍କ ଭାବାବେଗ କେଉଁପରି ଭାବରେ ରହିଛି। କେବଳ ଯାଜପୁରର ବଡ଼ଚଣା ନୁହେଁ ଗତ ନିର୍ବାଚନରେ ବିଜେପି ପାଖାପାଖି ତିରିଶରୁ ଊର୍ଦ୍ଧ୍ୱ ବିଧାନସଭା ସିଟରୁ ପରାସ୍ତ ହୋଇଛି ମାତ୍ର ଦୁଇ ହଜାରରୁ କମ୍ ଭୋଟ୍ ବ୍ୟବଧାନରେ। ଚଳିତ ଥର ମୋଦିଜୀଙ୍କ ହାୱା ଦିନକୁ ଦିନ ବଢ଼ିବା ସହ ଓଡ଼ିଶାରେ ବର୍ଷ ବର୍ଷ ଧରି ଶାସନକୁ ଯାବୁଡ଼ି ଧରିଥିବା ଦଳ ବିରୁଦ୍ଧରେ ମଧ୍ୟ ପାଣିପାଗ ରହିଛି। ଏହାକୁ ତେଜିୟାନ କରିପାରିଲେ ହେଲା। ତେଣୁ ଓଡ଼ିଶାରେ ବିଜେପି ଏହି ସମୀକରଣକୁ ଦୃଷ୍ଟିରେ ରଖି ଜନମତର ସ୍ରୋତକୁ ବୁଝାଇ ପାରିଲେ ପ୍ରଶାନ୍ତ କିଶୋରଙ୍କ ଭବିଷ୍ୟବାଣୀ ଯେ ନିଶ୍ଚିନ୍ତ ସତ୍ୟ ଏହା ଅମୂଳକ ନୁହେଁ।

ଲୋକସଭା ଓ ବିଧାନସଭା ନିର୍ବାଚନରେ ପ୍ରାୟତଃ ସ୍ଥାନୀୟ ପ୍ରସଙ୍ଗ ବଡ଼ ଗୁରୁତ୍ୱ ରଖିଥାଏ। ଜାତୀୟ ପ୍ରସଙ୍ଗର ଗୁରୁତ୍ୱ ସବୁବେଳେ ରହୁଥିବାବେଳେ କେବଳ ଭାରତରେ ନୁହେଁ ଓଡ଼ିଶାରେ ମଧ୍ୟ ବିଜେପିର ପୋଷ୍ଟର ବୟ ସ୍ୱୟଂ ମୋଦିଜୀ। କଥା ଉଠୁଛି ମୋଦିଜୀଙ୍କ ହାୱା ଦିନକୁ ଦିନ ବଢୁଥିବା ବେଳେ ପାଣ୍ଡିଆନଙ୍କ କୌଣସି ହାୱା ତ ନାହିଁ। ତେଣୁ କେବଳ ସଂସଦୀୟ କ୍ଷେତ୍ର ନୁହେଁ ବିଧାନସଭାରେ ବିଜେପି ମଧ୍ୟ ଚମକାଇ ଦେଲାପରି ଗଣିତ ଯେ କଷିପାରେ ଏହାକୁ ଅନୁମାନ କରିବା ଆଦୌ ଅସଙ୍ଗତ ହେବନାହିଁ। ପ୍ରଶାନ୍ତ କିଶୋର ଏହା ମଧ୍ୟ ଯୋଡ଼ିଛନ୍ତି ଯେ ଦକ୍ଷିଣ ଓ ପୂର୍ବ ଭାରତରେ ବିଜେପିର ଭୋଟ୍ ହାର ବଢ଼ିବ। ତେଲେଙ୍ଗାନାରେ ଭଲ ଫଳ କରିବା ସହ ଆନ୍ଧ୍ରପ୍ରଦେଶରେ ମଧ୍ୟ ଟିଡିପି ସହ ମେଣ୍ଟ କରିବା ପରେ ସ୍ୱାଭାବିକ ଭାବେ ଭୋଟ ହାର ବଢ଼ିବ। ହିନ୍ଦୀ ଭାଷାଭାଷୀ ରାଜ୍ୟରେ ବିଜେପିର ମଜବୁତ ସ୍ଥିତି ରହିଛି। ଭାରତରେ ଆଞ୍ଚଳିକ ଦଳ ଦିନକୁ ଦିନ ପୂର୍ବ ପରି ଆଉ ପ୍ରଭାବୀ ଓ ସ୍ଥାନୀୟ ପ୍ରସଙ୍ଗକୁ ନେଇ ଲୋକମାନଙ୍କ ପାଖରେ ବିଶ୍ୱାସଭାଜନ ହୋଇପାରୁ ନାହାନ୍ତି। କଥାରେ ଅଛି କ୍ରିକେଟ ଓ ରାଜନୀତି ବିଷୟରେ ଠିକ୍ ପାଣିପାଗ ପରି କିଛି ଅନୁମାନ ଲଗାଇବା ସଠିକ୍ ନ ହୋଇପାରେ। କିନ୍ତୁ ଜଣେ ନାମାଜାଦା ରାଜନୀତି ରଣନୀତିକାର ଆଉ ଢେର୍ ନିଜ ଦକ୍ଷତା ଦେଖାଇ ପାରିଥିବା ପ୍ରଶାନ୍ତ କିଶୋରଙ୍କ ପୂର୍ବାନୁମାନ କେତେ ସତ ସାବ୍ୟସ୍ତ ହେଉଛି ଏହା ଜାଣିବାକୁ ଆଉ ବେଶି ଅପେକ୍ଷା କରିବାକୁ ପଡ଼ିବ ନାହିଁ। କିନ୍ତୁ ଏହା ବଡ଼ ସତ୍ୟ ଯେ ଓଡ଼ିଶାରେ ବିଜେପି ତା ଦୁର୍ଗକୁ ମଜବୁତ କରିବା ସହ ଜନମତକୁ ନିଜ ଆଡ଼କୁ ଟାଣିପାରିଲେ ଯେକୌଣସି ନୂଆ ରେକର୍ଡ ବି ହୋଇପାରେ।

ବରଦା, ବାଲିଚନ୍ଦ୍ରପୁର, ଯାଜପୁର
ଦୂରଭାଷ : ୮୮୯୫୨୯୬୧୬୭

# ସାରା ରାଜ୍ୟରେ ଉପରମୁହାଁ ପାରଦ



ହିମାଂଶୁ ଶେଖର ଆଚାର୍ଯ୍ୟ

ଭୁବନେଶ୍ୱର କାହିଁକି ସାରା ଓଡିଶାରେ ଭୀଷଣ ତାତି ଯେମିତି ତତଲା କଡେଇରେ ଭାଜିହେଉଛି । ପ୍ରଥମ ଥର ପାଇଁ ଶୁକ୍ରବାର ଦିନର ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ଛୁଇଁଥିଲା । ୪୩.୫ଡିଗ୍ରୀ ସହ ଭୁବନେଶ୍ୱର ପାଲଟିଛି ଦେଶର ଦ୍ୱିତୀୟ ଏବଂ ଏସିଆର ଷଷ୍ଠ ଉ ପ୍ତ ସହର ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ ଏନେଇ ସୂଚନା ଦେଇଛନ୍ତି ଏସିଆର ୧୦ ଉ ପ୍ତ ସହର ତାଲିକାରେ ରହିଛନ୍ତି ଭାରତର ୫ ସହର । ୪୫.୭ଡିଗ୍ରୀ ସହ ମିଆଁମାରର ଚାଉକ୍ ସର୍ବାଧିକ ଉ ପ୍ତ ସହର ହୋଇଛି । କେବଳ ରଜଧାନୀ ନୁହେଁ ସାରାରଜ୍ୟରେ ଗ୍ରଷ୍ମ ପ୍ରବାହ ବଢିଥିବା ଦେଖିବାକୁ ମିଳୁଛି । ଅନୁଗୋଳ, ଝାରସୁଗୁଡା, ତାଳଚେର, ଟିଟିଲାଗଡ, ମାଲକାନଗିରି, ନୟାଗଡ, ବୌଦ୍ଧ ଓ ପାରଳାଖେମୁଣ୍ଡିରେ ତାପମାତ୍ରା ୪୨ ଡିଗ୍ରୀ ବା ତାଉପରେ ରହିଛି ଆସନ୍ତା ଦୁଇଦିନ ରାଜ୍ୟର କିଛି ସ୍ଥାନରେ ଦିନର ସର୍ବୋଚ୍ଚ ତାପମାତ୍ରା ବଢିବାର ସମ୍ଭାବନା ରହିଛି । ବ ମାନର ସ୍ଥିତିକୁ ଲକ୍ଷ୍ୟକରି ବାଲେଶ୍ୱର, ଭଦ୍ରକ, ଯାଯପୁର, କଟକ, ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାକୁ ହିଟ୍‌ୱେଭ ପାଇଁ ଚେତାବନୀ ଜାରି କରାଯାଇଛି । କାରଣ ଖୋଜିଲେ ଜଣାଯାଏ ସକାଳ ସମୟରେ ବାୟୁମଣ୍ଡଳର ତଳଭାଗର ବାୟୁ ଚଳାଚଳ ପଶ୍ଚିମଦିଗରୁ ବ ମାନ ଉ ର ପଶ୍ଚିମ ଦିଗରୁ ଶୁଷ୍କ ଓ ଗରମ ବାୟୁ ପ୍ରବାହିତ ହେଉଛି, ଯେଉଁ କାରଣରୁ ତାପମାତ୍ରା ବଢୁଛି ଏବଂ ସ୍ଥଳଭାଗ ଉ ପ୍ତ ହେଉଛି ।

ସୂଚନାଯୋଗ୍ୟ ଯେ, ବାୟୁମଣ୍ଡଳରେ ଜଳୀୟବାଷ୍ପ ନାହିଁ । ମାଟି ପୁରା ଶୁଖିଲା । ଉ ର ପଶ୍ଚିମରୁ ପବନ ନାହିଁ । ଦକ୍ଷିଣ ପଶ୍ଚିମ ଦିଗରୁ ପବନ ଆସୁଛି । ତେଣୁ ଆଗକୁ ଗରମ ଅଧିକ ଅନୁଭୂତ ହୋଇପାରେ । ସ୍ଥିତି ଏମିତି ଯେ ଫେବୃୟାରୀ ଆରମ୍ଭରୁ ଏସି ପଙ୍ଖାର ଆବଶ୍ୟକତା ପଡିଲାଣି । ବାହାରେ ଖରା ବାଧିଲାଣି । ଶୀତର ବେଳକାଳ ସରିନି । ସତେ ଯେମିତି ଲାଗୁଛି ଏହା ଫେବୃୟାରୀ ନା ମାର୍ଚ୍ଚମାସ ! ଏବେ ଠାରୁ ଏତେ ଗରମ, ଆଗକୁ ତାହାଲେ ନିଆଁ ବର୍ଷିବ । ପୂର୍ବରୁ ମଧ ଫେବୃଆରୀରେ ତାପମାତ୍ରା ବଢିବାର ରେକର୍ଡ ରହିଛି । ସୂଚନାଯୋଗ୍ୟ ଯେ, ପୂର୍ବରୁ ମଧ୍ୟ ରାଜ୍ୟରେ ବିଶେଷକରି ରାଜଧାନୀ ଭୁବନେଶ୍ୱରରେ ଫେବୃୟାରୀ ମାସରେ ତାତି ବଢିବାର ଉଦାହରଣ ରହିଛି । ୧୯୬୩ ଫେବୃଆରୀ ଭୁବନେଶ୍ୱର ତାପମାତ୍ରା ୪୨.୩ ଡିଗ୍ରୀ ସେଲ୍‌ସିୟସ୍ ରହିଥିବା ବେଳେ, ୨୦୧୨ରେ ୪୦.୧ଡିଗ୍ରୀ, ୨୦୧୬ରେ ୪୦.୯ଡିଗ୍ରୀ, ୨୦୧୯ରେ ୩୯.୪ଡିଗ୍ରୀ ରହିଥିଲା।ବିଗତ ଦିନରେ ଭୁବନେଶ୍ୱରରେ ତାତି ରେକର୍ଡ ହୋଇଥିବା ସର୍ବାଧିକ ହୋଇଥିବା ଆମେ ଜାଣିଛେ । ଏବର୍ଷ ଏପ୍ରିଲରୁ ଆକାଶରୁ ନିଆଁବର୍ଷାକୁ ଦେଖି ଚଳିତ ବର୍ଷ ତାତି ସମସ୍ତ ରେକର୍ଡ ଭାଙ୍ଗିବ ବୋଲି ଆଶଙ୍କା କରାଯାଉଛି ।

ବିଶ୍ୱତାପାୟନ ବୃଦ୍ଧି ଯୋଗୁଁ ଏବେ ଋତୁଚକ୍ରରେ ଅସ୍ୱାଭାବିକ ପରିବ ନ ହେଉଛି । ଆଗଭଳି ଆଉ ଛଅ ଋତୁ ଅନୁଭବ କରିହେଉନି । ଛଅଋତୁ ଆଜି ସାତ ସପନ । ଶରତ, ହେମନ୍ତ, ଶୀତ ଓ ବସନ୍ତ କ୍ରମଶଃ ମାନସ ପଟରୁ ହଜିଗଲେଣି । ଏବେ କେବଳ ଗ୍ରୀଷ୍ମ ,ବର୍ଷା ଓ ଶୀତ ତିନୋଟି ଋତୁ ଅନୁଭବ କରିହେଉଛି । ଏଥିମଧ୍ୟରୁ ପ୍ରାୟ ସାତ ଆଠ ମାସ ଗ୍ରୀଷ୍ମର ପ୍ରକୋପ ଜାରି ରହୁଛି କେବଳ ବୈଶାଖ-ଜ୍ୟେଷ୍ଠ ନୁହେଁ, ବର୍ଷର ଅନେକ ସମୟରେ ମୁଣ୍ଡଫଟା ଖରା । ସବୁଠି ହା-ହୁତାଶମୟ ପରିବେଶ । କହିବା ବାହୁଲ୍ୟ ଯେ, ଋତୁମାନଙ୍କ ମଧ୍ୟରେ ଶ୍ରେଷ୍ଠ ହେଉଛି ବସନ୍ତ । ଋତୁରାଜ ସେ । ଫାଲଗୁନ-ଚୈତ୍ର, ନା ଥାଏ ଖରା, ନା ଶୀତ । ମଳୟ ପବନ ସାଥେ ଭାସିଆସେ କୋଇଲିର କୁହୁତାନ । ମୃଦୁ ମଳୟ ପବନ ତନୁମନରେ ଶିହରଣ ଆଣେ । କିନ୍ତୁ ଆଗଭଳି ଶୁଭୁନାହିଁ କୋଇଲିର ସ୍ୱର କି ବହୁନାହିଁ ସୁଲୁସୁଲିଆ ପବନ । ଯେଉଁ ସମୟରେ ବସନ୍ତ ଋତୁ ଅନୁଭବ ହେବା କଥା ସେହି ସମୟରେ ରାଜ୍ୟରେ ଯେଉଁଭଳି ହାରରେ ତାପମାତ୍ର ବଢିଛି ତାକୁ ଦେଖିଲେ ଲାଗୁଛି ବସନ୍ତ ସମେତ ଶରତ ଓ ହେମନ୍ତ ଅଚିରେ ହଜିଯିବ ।

ତାପାୟନ ବୃଦ୍ଧି ଓ ଜଳବାୟୁରେ ଅସ୍ୱାଭାବିକ ପରିବ ନ ଏବେ ଆମ ଦେଶ ତଥା ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି । ଏହି କଥାକୁ ଆଖି ଆଗରେ ରଖି ୧୯୭୨ ମସିହାରୁ ପ୍ରତିବର୍ଷ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ରୂପେ ପାଳନ କରାଯାଉଛି । ସେହିପରି ଆମ ଦେଶରେ ୧୯୫୦ ମାସିହାରୁ ପ୍ରତିବର୍ଷ ଜୁଲାଇ ପହିଲାରୁ ସପ୍ତାହବ୍ୟାପୀ ବନ ମହୋତ୍ସବ ପାଳିତ ହୋଇ ଆସୁଅଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଜନସଚେତନ ସୃଷ୍ଟି କରିବା ଓ ଏହି ପ୍ରଦୂଷଣର ଦୂରୀକରଣ ପାଇଁ ସର୍ବତ୍ର ଜନସହଯୋଗକୁ ଉତ୍ସାହିତ କରିବା । ଯାହାଫଳରେ ପରିବେଶର ସୁରକ୍ଷା ହେବା ସଙ୍ଗେ ସଙ୍ଗେ ଆଗାମୀ ପିଢି ପାଇଁ ପରିବେଶ ସଂରକ୍ଷିତ ହୋଇ ରହିପାରିବ । ଏସବୁ ସ େ ପୃଥିବୀ ସମେତ ଆମ ଦେଶ ତଥା ରାଜ୍ୟରେ ପ୍ରତିବର୍ଷ ହଜାର ହଜାର ହେକ୍ଟର ଜଙ୍ଗଲ ଧ୍ୱଂସ ପାଉଛି । ଫଳରେ ପରିବେଶ ପ୍ରଦୂଷଣକୁ ରୋକିବାରେ ଆମର ପ୍ରଚେଷ୍ଟା ସେତେ ସନ୍ତୋଷଜନକ ହୋଇପାରୁନାହିଁ । ଫଳସ୍ୱରୂପ, ତାପାୟନ ବଢିଚାଲିଛି, ଭୂତଳ ଜଳସ୍ତର ନିମ୍ନଗାମୀ ହେଉଛି ଓ ବୃଷ୍ଟିପାତ ହ୍ରାସ ପାଉଛି । ବିଗତ ୨୦୧୬ ମଇ ୨୩ ତାରିଖରେ ରାଜଧାନୀ ଭୁବନେଶ୍ୱର କଟକ ସମେତ ରାଜ୍ୟର ବିଭିନ୍ନ ଅ ଳରେ କାଳବୈଶାଖୀର ତାଣ୍ଡବଲୀଳାକୁ ଦେଖି ଲାଗୁଥିଲା ଯେପରି ମହାବାତ୍ୟ ହେଉଛି । ସେହିପରି ୧୯୯୯ ମସିହାରେ ମହାବିନାଶକାରୀ ମହାବାତ୍ୟା ଓ ୧୯୯୮ର ଅଂଶୁଘାତ ଜନିତ ପରିସ୍ଥିତିକୁ ଆମେ ଭୁଲିପାରିବା ନାହିଁ । ସୂଚନାଯୋଗ୍ୟ ଯେ, ୧୯୯୮ମସିହାରେ ରାଜ୍ୟରେ ଅଂଶୁଘାତରେ ୨୦୪୨ ଜଣଙ୍କ ଜୀବନ ଯାଇଥିବା ବେଳେ ୨୦୧୫ପରେ ଏହା କ୍ରମାଗତ ଭାବେ ହ୍ରାସ ପାଉଥିଲା। ୨୦୧୬ରେ ୫୪ଜଣ,୨୦୧୭ରେ ୪୫ଜଣ, ୨୦୧୮ରେ ୬୦ଜଣ,୨୦୧୯ରେ ୫୦ଜଣ, ୨୦୨୦ରେ ୧୨ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ରହିଛି ।ସେହିପରି ବ ମାନ ସୁଦ୍ଧା ରାଜ୍ୟରେ ଅଂଶୁଘାତରେ ଆଠଜଣ ଲୋକ ଆକ୍ରାନ୍ତ ହୋଇଥିବା ଜଣାପଡିଛି । ଏଥିପ୍ରତି ଦୃଷ୍ଟି ଦେବାକୁ ହେବ । କାରଣ ଖୋଜିଲେ ଜଣାପଡେ ବଢି ଚାଲିଛି କଙ୍କ୍ରିଟ ଜଙ୍ଗଲ। ଗଛକଟା ଅବାଧରେ ଚାଲିଛି। କାଗଜ କଲମରେ ନୂଆ ଚାରାଗଛ ଲଗାଯାଉଛି। କିନ୍ତୁ ସେଥିରୁ ବ ୁଛି କେତେ ତାହାର ହିସାବ କାହା ପାଖରେ ନାହିଁ। 'ମଣିଷ ଟିଏ-ଗଛଟିଏ' ସ୍ଲୋଗାନ କାଗଜ କଲମରେ ସୀମିତ ରହିଛି। ଆମେ ଜାଣିଛେ ପରିବେଶରେ ସନ୍ତୁଳନ ପାଇଁ ବ୍ୟାପକ ବୃକ୍ଷ ରୋପଣ ଦରକାର। କେବଳ ସରକାରଙ୍କ ଉପରେ ଛାଡିଦେଲେ ହେବନାହିଁ। ଆମକୁ ମଧ ବୃକ୍ଷରୋପଣ କରୁବାକୁ ହେବ ଓ ତାକୁ ବ ାଇ ରଖିବାକୁ ହେବ। ଏଥିପାଇଁ 'ମଣିଷଟିଏ-ଗଛଟିଏ' ସ୍ଲୋଗାନ ଉପରେ ଗୁରୁତ୍ୱ ଦେବାକୁ ହେବ। ଏଠାରେ ସୂଚନା ଯୋଗ୍ୟ ଯେ ବଦଳୁଛି ଜଳବାୟୁ ପାଣିପାଗରେ ଅସ୍ୱାଭାବିକ ପରିବ ନ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଏଥି ସହିତ ଏଲ୍‌ନିନୋର ପ୍ରଭାବ ଯୋଗୁ ଶୁଷ୍କବାୟୁ ପ୍ରବାହିତ ହେବା ସହ ଅସ୍ୱାଭାବିକ ତାପମାତ୍ରା ବଢୁଛି । ଯହାର ପ୍ରଭାବ ଜନଜୀବନ ଠାରୁ ଆରମ୍ଭ କରି ପଶୁପକ୍ଷୀଙ୍କ ଉପରେ ପଡୁଛି । ଏବେ ଠାରୁ ଆକଳନ କରାଯାଉଛି ଯେ ଯଦିଓ ୨୦୨୩ ମସିହା ସବୁଠାରୁ ଉ ପ୍ତ ବର୍ଷ ଥିଲା ତଥାପି ବ ମାନ ସ୍ଥିତିକୁ ଦେଖିଲେ ଆସନ୍ତା ବର୍ଷ ମେ , ଜୁନ ପର୍ଯ୍ୟନ୍ତ ତାତିର ପ୍ରକୋପ ନିଶ୍ଚୟ ରହିବ ଏବେ ଠାରୁ ତାହା ଜଳଜଳ ହୋଇ ଦେଖାଗଲାଣି ।

ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସ୍କୁଲ ସମୟରେ ପରିବ ନ କରିଛନ୍ତି । ସେହିପରି ଏପରିକି ଖୋର୍ଦ୍ଧା ଜିଲ୍ଲାରେ ସମସ୍ତ ସ୍କୁଲ ଓ ଅଙ୍ଗନବାଡି ପାଇଁ ସମୟ ସକାଳ ୬.୩୦ରୁ ଖୋଲଯାଇ ୧୦.୩୦ରେ ଛୁଟି ହେବ । ବିଦ୍ୟାଳୟ ପରିସରେ ପାନୀୟଜଳ ମହଜୁଦ କରି ରଖିବାକୁ ପରାମର୍ଶ ଦିଆଯାଇଛି । ସେହିପରି ରୌଦ୍ରତାପ ଜନିତ ଅଂଶୁଘାତ ଆଶଙ୍କା ଥିବାରୁ କାର୍ଯ୍ୟରତ ଶ୍ରମିକମାନଙ୍କୁ ୧୧ଟାରୁ ଅପରାହ୍ନ ୩.୩୦ମଧ୍ୟରେ କାମ ନକରିବା ପାଇଁ କୁହାଯାଇଛି । ଏଥିପାଇଁ ସମସ୍ତ ରାଜସ୍ୱ କମିଶନର, ଜିଲ୍ଲାପାଳ ଏବଂ ରାଜ୍ୟ ଶ୍ରମ କମିଶନରଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ଇଏତ ଗଲା ମଣିଷଙ୍କ କଥା ପଶୁପକ୍ଷୀଙ୍କ ଅବସ୍ଥା କହିବା ଆହୁରି ତଦ୍ରୁପ । କେତେକ ସ୍ଥଳରେ କିଛି ପଶୁପକ୍ଷୀ ପାଣି କୁଣ୍ଡରେ ପଶୁଛନ୍ତି ତ ଆଉ କିଛି ଜୀବଜନ୍ତୁ ଛାଇରେ ନେଉଛନ୍ତି ଆଶ୍ରୟ । ନନ୍ଦନକାନନରେ ଜୀବଜନ୍ତୁଙ୍କୁ ବି ଗରମରୁ ମିଳୁନି ନିସ୍ତାର । ଏପରି ସ୍ଥଳେ ମଣିଷଙ୍କ ସହିତ ପଶୁପକ୍ଷୀଙ୍କୁ ତାତିର ପ୍ରକୋପରୁ ରକ୍ଷା କରିବା ପାଇଁ ବିଭିନ୍ନ ଜାଗାରେ ପାଣିକୁଣ୍ଡ ରଖିବା , ଜଳଛତ୍ର ଖୋଲିବା, ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ନହାତି ଜରୁରୀ କାମ ନଥିଲେ ନବାହାରିବା ଓ ଆବଶ୍ୟକସ୍ଥଳେ ଛତା ଓ ପାଣିବୋତଲ ସାଙ୍ଗରେ ନେବା ଭଳି ପ୍ରତିଶେଧକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବାକୁ ପଡିବ । ଏହାହିଁ ସମୟର ଆହ୍ୱାନ ।

ତି ୋଲ, ଜଗତସିଂହପୁର
ମୋ - ୯୯୩୭୧୫୧୦୫୨




# ଧାନ ଫସଲର କୀଟ ପରିଚାଳନା

କୃଷି ଓଡ଼ିଶାର ଅର୍ଥନୀତିର ମାପକାଠି ରୂପେ ବିବେଚନା କରାଯାଉଥିବା ବେଳେ ଏହାର ଜଳବାୟୁ ଅନୁସାରେ ଅଧିକାଂଶ ଲୋକ ଧାନ ଚାଷ ଉପରେ ନିର୍ଭରଶୀଳ। ମୁଖ୍ୟତଃ ୭୦ ଭାଗ ଲୋକ ଚାଷବାସ ଉପରେ ନିର୍ଭର କରନ୍ତି। ଓଡ଼ିଶାର ବିଭିନ୍ନ ଋତୁରେ ବିଭିନ୍ନ ଚାଷ କରାଯାଇଥିଲେ ହେଁ ଧାନ



ପ୍ରସ୍ତୁତି- ଡ଼ି ଶୁଭମ୍
ସଂଯୋଜକ, କୃଷି ଦୁନିଆ

ମୁଖ୍ୟ ଚାଷ ଅଟେ। ମୁଖ୍ୟତଃ ଖରିଫ ଋତୁର ଆରମ୍ଭରେ ଧାନ ଚାଷ କରାଯାଇଥାଏ, ପରନ୍ତୁ ଧାନ ଚାଷର କେତେକ କ୍ଷତିକାରକ କୀଟ ଏହାର ଉତ୍ପାଦନରେ ହ୍ରାସ କରାଇଥାଏ। ବର୍ତ୍ତମାନ ସମୟରେ ଧାନ ଫସଲରେ କୀଟ ପରିଚାଳନା ଏକ ମୁଖ୍ୟ ଚିନ୍ତା ଭାବେ ଉଭା ହୋଇଛି। ତେବେ ଆସନ୍ତୁ ନଜର ପକେଇବା ଧାନ ଫସଲର ପ୍ରମୁଖ କୀଟମାନଙ୍କ ଉପରେ...

**ଚକଡା ପୋକ-** ଧାନ ର ଏକ ପ୍ରମୁଖ ଉତ୍ପାଦନ ହ୍ରାସକାରୀ କୀଟ ଭାବେ ଚକଡା ପୋକ ବେଶ ଜଣାଶୁଣା। କୃଷି ବିଜ୍ଞାନରେ ଏହାକୁ 'ବ୍ରାଉନ ପ୍ଲାଣ୍ଟ ହୋପର' ବୋଲି କୁହାଯାଏ। ତେବେ ଚକଡା ପୋକ ମୁଖ୍ୟତଃ ତିନୋଟି ସ୍ତର ଦେଇ ଗତି କରିଥାଏ-ଅଣ୍ଡା-ଅର୍ଭକ-ପୂର୍ଣ୍ଣାଙ୍ଗ କୀଟ। ପୂର୍ଣ୍ଣାଙ୍ଗ କୀଟ ଦେଖିବାକୁ ମାଟିଆ ରଙ୍ଗର ସ୍ତ୍ରୀ କୀଟଟି ୫ମି.ମି ଲମ୍ୱା ହୋଇଥିବା ବେଳେ ପୁରୁଷ କୀଟଟି ୪-୪.୫ ମି.ମି ଭିତରେ ଲମ୍ୱାଥାଏ। ପତ୍ର ର ମଝି ଭାଗରେ ଅଣ୍ଡା ଗୁଡିକ ଦେଖାଯାଏ (୨-୧୨) ଅଣ୍ଡା ଟି ଧଳା ଓ ବଙ୍କା ଆକୃତିର ହୋଇଥାଏ। ସମ୍ପୂର୍ଣ୍ଣ ଜୀବନ ଚକ୍ର ୧୮-୨୨ ଦିନ ଭିତରେ ଶେଷ ହୋଇଥାଏ।

ଲକ୍ଷଣ- ଏହାର ପୂର୍ଣ୍ଣାଙ୍ଗ କୀଟଟି ଗଛର ତଳ ଭାଗର ରସକୁ ଶୋଷି ଶୋଷି ଖାଇଯାଇଥାଏ। ଖାଇବା ସମୟରେ ଏହା ଏକ ବିଷାକ୍ତ ପଦାର୍ଥ ନିର୍ଗତ କରିଥାଏ। ଯାହା ଫଳରେ (ହୋପର ବର୍ନ) ଲକ୍ଷଣ ଦେଖାଯାଇଥାଏ। ପତ୍ର ଗୁଡିକ ହଳଦିଆ ପଡିଯିବା ସହିତ ଗୋଲାକୃତି ଆକାରରେ ଗଛ ଶୁଖିଯାଏ। ଏହା ଯେଉଁ ଧାନ ଗଛକୁ ଆକ୍ରମଣ କରିଥାଏ, ତାହାର କାଣ୍ଡ ଭାଗ ଶୁଖିଯାଏ ଓ ଏହା ଭବିଷ୍ୟତରେ କୁଟା ହୋଇପାରେ ନାହିଁ।

ପ୍ରତିକାର - * ଚକଡା କୀଟ ଆକ୍ରାନ୍ତ ଜମିରେ ଏକ କିସମକୁ ଦ୍ୱିତୀୟ ଥର ବ୍ୟବହାର କରନ୍ତୁ ନାହିଁ।

* ସହନଶୀଳ କିସମ ଯଥା ଗୋଦାବରୀ, କ୍ରିଷ୍ଣାଭେନି, ଚୈତନ୍ୟ ପ୍ରଭୁତି ବ୍ୟବହାର କରିବା ଆବଶ୍ୟକ।

* ଧାନ ଜମିର ମଝି ଭାଗରେ କନ୍ଦି କରନ୍ତୁ। ଏହାଦ୍ୱାରା ଉପଯୁକ୍ତ ସୂର୍ଯ୍ୟାଲୋକ ମିଳିପାରିବା ସହ ଆର୍ଦ୍ରତା ନିୟନ୍ତ୍ରଣ ହୋଇପାରିବ।

* ଜମିରୁ ଅନାବନା ଘାସ ଉପାଡିଦିଅନ୍ତୁ।



* ପୋକର ଗତିବିଧି ଲକ୍ଷ୍ୟ କରି କୀଟନାଶକ ବ୍ୟବହାର କରନ୍ତୁ।

* ଗଛର ତଳଭାଗକୁ କାର୍ବୋଫ୍ୟୁରାଣ ଦାନା ଏକରକୁ ୧୦ କି.ଗ୍ରା, ଏସିଫେଟ ଏକଲିଟର ପାଣିରେ ୧୫ କି.ଗ୍ରା ମିଶାଇ ୩-୪ ଥର ସ୍ପ୍ରେ କରନ୍ତୁ।

ନଳି ପୋକ- ଏହା ଧାନ ଫସଲର କ୍ଷତିକାରକ କୀଟ ମଧ୍ୟରେ ଅନ୍ୟତମ। ଏହାର ଶୁକ ଗୁଡ଼ିକ ଫିକା ସବୁଜ ରଙ୍ଗର ଓ ସଦାବେଳେ ପତ୍ରର ନଳୀ ଭିତରେ ଅବସ୍ଥାନ କରିଥାନ୍ତି। ଏମାନେ ଫମ୍ବରୁ ବାହାରିବା ପରେ ଧାନ ପତ୍ରର ଅଗ ଭାଗକୁ କାଟି ଛୋଟଛୋଟ ନଳୀ ତିଆରି କରନ୍ତି। ନଳୀ ଭିତରେ ରହି ପତ୍ରର ସବୁଜ କଣିକାକୁ କୋରି କୋରି ଖାଇଥାନ୍ତି। ଏହି ନଳୀ ଗୁନିକ ପାଣିରେ ସହଜରେ ଭାସି ପାରେ।

ପ୍ରତିକାର - ଏହି ପୋକ ଦାଉରୁ ରକ୍ଷା ପାଇବା ପାଇଁ କୁଇନାଲଫସ ୨୫ଇସି ୨ମିଲି ପ୍ରତି ଲିଟର ପାଣିରେ ପ୍ରୟୋଗ କରି ଜମିରେ ପ୍ରୟୋଗ କରନ୍ତୁ।

ସ୍ୱାମିଙ୍ଗ ସଁବାଳୁଆ - ଏହା ଦେଖିବାକୁ ଗାଢ଼ ସବୁଜ ରଙ୍ଗର ଶୁକ। ଏହାର ନିୟନ୍ତ୍ରଣ ପାଇଁ ଜମିରୁ ସଠିକ ଭାବେ ଜଳ ନିଷ୍କାସନ କରିବା ଆବଶ୍ୟକ।

କାହାଳିଆ ପୋକ - ଏହା ସାଧାରଣତଃ ବର୍ଷାଦିନିଆ ଉଧାନ ଫସଲରେ ଦେଖାଯାଇଥାଏ। ପିଲ ଦେଉଥିବା ଅବସ୍ଥାରେ ପିଲ ଭିତରେ ପଶି କଅଁଳିଆ ମଂଜିର ଅଗ୍ରଭାଗକୁ ଖାଇଥାନ୍ତି। ଫଳରେ ପିଲଟି କାହାଳୀ ସଦୃଶ ହୋଇ ବଢ଼ିଥାଏ। କେଣ୍ଡାର ଧାରଣ ଶକ୍ତି କମିଥାଏ।

ପ୍ରତିକାର- ସଙ୍ଗ ଆକର୍ଷକ ଯନ୍ତା ବ୍ୟବହର କରିବା ଉଚିତ୍।

-ପଟାସ ସାର ବ୍ୟବହାର କରିବା ଦରକାର।

-କାର୍ବୋସଲଫନ୍ ୨୫%ଇସି ୨ମିଲି ପ୍ରତି ଲିଟର ପାଣିରେ ଜମିରେ ସିଂଚନ କରିବା ଆବଶ୍ୟକ।

ମାଟିଆଗୁଣ୍ଡି ପୋକ - ଏହା ମାଟିଆ ଓ ବାଦାମୀ ରଙ୍ଗର ଶୋଷକ କୀଟ ଅଟେ। ବର୍ଷାଦିନିଆ ଓ ଡ଼ାଲୁଅ ଧାନରେ ଏହା ବହୁଳ କ୍ଷତି କରିଥାଏ। ଏହା ଧାନ ବୁଦା ମୂଳରେ ଜଳପତନର ଠିକ ଉପର ଭାଗରେ ରହି କାଣ୍ଡରୁ ରସ ଶୋଷି ଖାଇଥାଏ। ଏହାର ଆକ୍ରମଣରେ ପ୍ରଥମେ ପତ୍ର ଗୁଡ଼ିକ ହଳଦିଆ ପଡ଼ିଯାଏ ଓ ଶେଷରେ ଧାନଗୁଡ଼ିକ ମରିଯାଏ। ଫୁଲ ଧରିବା ସମୟରେ ଏମାନଙ୍କ ପ୍ରାଦୁର୍ଭାବ ବେଶୀ ଥାଏ।

ପ୍ରତିକାର- ସଙ୍ଗଆକର୍ଷକ ଯନ୍ତାର ବ୍ୟବହାର କରିବା

ଇମିଡ଼ାକ୍ଲୋପିଡ଼୍ ୦.୨୫ମିଲି ପ୍ରତି ଲିଟର ପାଣିରେ ପକାଇ ସିଂଚନ କରିବା।

(ସମ୍ପାଦକ-ଶ୍ୟାମଳ ସୁବର୍ଣ୍ଣ, ବାସୁଦେବପୁର,ଭଦ୍ରକ, ମୋ:୯୪୩୮୪୬୭୦୭୯)

# ନଡ଼ିଆ ଫସଲରେ ଗଣ୍ଡାପୋକ ଦମନ



ଭୁବନାନନ୍ଦ ଅଧିକାରୀ
*କୀଟ ଟିଏ କଥା ଟିଏ - ୪*

**ଜୀବନ ଚକ୍ର :**

ଗଣ୍ଡାପୋକ ବା ରାଇନୋସରସ ବିଟିଲ ଏକ ଉତ୍ତମ ପ୍ରଜନନକ୍ଷମ ଅନିଷ୍ଟକାରୀ କୀଟ, ଯାହାର ପ୍ରାଦୁର୍ଭାବ ସମସ୍ତ ଜଳବାୟୁ ଓ ପରିବେଶରେ ଦେଖାଯାଇଥାଏ। ଏହାର ଜୀବନ ବୃତ୍ତାନ୍ତ ଅଧ୍ୟନ କଲେ ଜଣାଯାଏ ଯେ ଏହି କୀଟ ଗୋବର, ଖତଗଦା, ମୃତ ଓ ବିଘଟିତ ଜୈବିକ ପଦାର୍ଥର ଧ୍ୱଂସାବଶେଷରେ ମଧ୍ୟ ନିଜର ପ୍ରଜନନ କାର୍ଯ୍ୟ କରି ବଂଶବିସ୍ତାର କରିପାରେ ଓ ହାରାହାରି ୧୭୧ ଦିନ ମଧ୍ୟରେ ଏହାର ଜୀବନଚକ୍ର ପରିସମାପ୍ତ ହୁଏ। ତନ୍ମଧ୍ୟରୁ ଅଣ୍ଡା ଅବସ୍ଥା ୧୦ ଦିନ, ଶୁକ ଅବସ୍ଥା ୧୩୦ ଦିନ ଓ କୋଷା ଅବସ୍ଥା ୨୦ ଦିନରେ ଶେଷ ହୁଏ। ପୂର୍ଣ୍ଣାଙ୍ଗ ପ୍ରାପ୍ତ କୀଟଟି କୋଷରୁ ବାହାରିବା ପରେ ୫-୨୬ ଦିନ ପର୍ଯ୍ୟନ୍ତ ବିଶ୍ରାମ କରେ ଏବଂ ତତ୍ପରେ ନଡ଼ିଆ ଗଛର ଅଗ୍ରଭାଗକୁ ଉଡ଼ି ଚାଲିଯାଏ। ଏହି କୀଟର ଅଣ୍ଡିରା ପୂର୍ଣ୍ଣାଙ୍ଗ କୀଟଟି ୧୨୦ ଦିନ ବଂଚିଥିବା ବେଳେ ମାଈ କୀଟଟି ହାରାହାରି ୧୪୨ ଦିନ ଜୀବନ ଧାରଣ କରିଥାଏ। ଫେବୃୟାରୀରୁ ଏପ୍ରିଲ ଏବଂ ସେପ୍ଟେମ୍ବରରୁ ଅକ୍ଟୋବର ମଧ୍ୟରେ ଏହି ପୋକ ସର୍ବାଧିକ ଅଣ୍ଡା ଦେଇଥାଏ।

**କ୍ଷତି :**

ପୂର୍ଣ୍ଣାଙ୍ଗପ୍ରାପ୍ତ ପୋକଟି ସାଧାରଣତଃ ନଡ଼ିଆଗଛର ବାହୁଙ୍ଗା ଏବଂ ଫୁଲକୁ ମାତ୍ରାଧିକ ଆକ୍ରମଣ କରି କ୍ଷତି ପହଞ୍ଚାଏ। ଏହି ପୋକ ଆକ୍ରମଣ ନଡ଼ିଆ ଫସଲରେ ହାରାହାରି ୧୦ ପ୍ରତିଶତ ଅମଳ ହ୍ରାସ କରେ। ୩-୧୦ ବର୍ଷ ବୟସ ଗଛ ଗୁଡ଼ିକରେ ଏହି ପୋକର ଆକ୍ରମଣ ଜନିତ କ୍ଷତି ଅଧିକ ହୋଇଥାଏ। ଆକ୍ରମିତ ବାହୁଙ୍ଗା ଗୁଡ଼ିକର ପତ୍ର କଟିଯାଇଥିବା ଲକ୍ଷ୍ୟ କରାଯାଏ। ଏହାକୁ ବୈଜ୍ଞାନିକ ଭାଷାରେ ଜିଓମେଟ୍ରିକ କଟ୍, ଫ୍ୟାନକଟ୍ ବୋଲି କୁହାଯାଏ। ସାଧାରଣତଃ ବିଶେଷ ଆକ୍ରମଣ ହୋଇ ନଥିଲେ ଗୋଟିଏରୁ ଦୁଇଟି ପତ୍ର କଟିଥାଏ। ଯଦି ଏହି ପୋକର ପ୍ରାଦୁର୍ଭାବ ମାତ୍ରାଧିକ ହୁଏ ଓ ଏହାର ଆର୍ଥିକ ଦେହଳୀ ସୀମା ଉଲ୍ଲଙ୍ଘନ କରେ, ସମସ୍ତ ପତ୍ର ଏହିଭଳି କଟିଥିବା ଲକ୍ଷ୍ୟ କରାଯାଏ। ଏହା ବ୍ୟତୀତ ସମ୍ପୂର୍ଣ୍ଣ ଖୋଲି ନଥିବା ବାହୁଙ୍ଗା ମୂଳରେ ଆୟତକାର କଣା ଦେଖାଯାଏ ଏବଂ ଏହି କଣା ପାଖରେ ପୋକ ଦ୍ୱାରା ନଷ୍ଟ ହୋଇଥିବା ବୃକ୍ଷର ତନ୍ତୁଗୁଡ଼ିକର ଅବଶିଷ୍ଟାଂଶ ଦେଖିବାକୁ ମିଳେ। ମାତ୍ରାଧିକ କ୍ଷତି ହେବା ପୂର୍ବରୁ ଏହି ପୋକର ଦମନ ନ କରାଗଲେ ନଡ଼ିଆଗଛ ଅନ୍ୟ କ୍ଷତିକାରୀ କୀଟ ଆକ୍ରମଣ ତଥା କବକଜନିତ ରୋଗ ଆକ୍ରମଣ ପାଇଁ ଉପଯୋଗୀ ହୋଇଯାଏ।

**ନିୟନ୍ତ୍ରଣ :**

ଏହି କୀଟର ନିୟନ୍ତ୍ରଣ ପାଇଁ ପ୍ରଥମେ ପରିଷ୍କାର ପରିଚ୍ଛନ୍ନ ଚାଷ ପ୍ରଣାଳୀ ଅବଲମ୍ବନ ଆବଶ୍ୟକ। ଗଛର ଆଖପାଖ ପରିଷ୍କାର ରଖିବା ସହ ଗଛରେ ଥିବା ମୃତଅଂଶ, ପଚା ଅଂଶ, ପତ୍ରଗୁଡ଼ିକୁ ସମୟାନୁସାରେ କାଟି ସଫା କରିବା ଦ୍ୱାରା ଏହି ପୋକ ଆକ୍ରମଣରୁ ରକ୍ଷା ମିଳେ। ଏହି ପୋକ ଦ୍ୱାରା ସୃଷ୍ଟି ଆୟତକାର ଗଣାରେ ସ୍ପୋକ ବା ଏକ ସରୁ ତାର ପୂରାଇ ପୂର୍ଣ୍ଣାଙ୍ଗପ୍ରାପ୍ତ ପୋକକୁ ଧରି ତାକୁ ନଷ୍ଟ କରିବା ମଧ୍ୟ ଜରୁରୀ। ନଡ଼ିଆ ବାହୁଙ୍ଗା ବାହାରିଥିବା ଗଛର ଅଂଶ ବା କନ୍ଦରେ ସେଭିଡଲ ୨୫ ଗ୍ରାମ ଓ ସରୁବାଲି ୨୦୦ ଗ୍ରାମର ମିଶ୍ରଣ ବା ଫୋରେଟ୍ ଓ ବାଲିର ମିଶ୍ରଣକୁ ପ୍ରୟୋଗ କଲେ ଏହାର ଉତ୍କଟ ଗନ୍ଧ ଦ୍ୱାରା ଏହି ପୋକଗୁଡ଼ିକ ଫସଲ ଆଡ଼କୁ ଆକର୍ଷିତ ହୁଅନ୍ତି ନାହିଁ। ଯାହାଦ୍ୱାରା ଆକ୍ରମଣଜନିତ କ୍ଷତି ହ୍ରାସପାଏ। ଜୈବିକ ଉପାୟରେ ଏହି ପୋକର ମଧ୍ୟ ନିୟନ୍ତ୍ରଣ ସମ୍ଭବପର। ଏହି କୀଟକୁ ନିୟନ୍ତ୍ରଣ କରୁଥିବା ଭୂତାଣୁ ବା ବ୍ୟାକୁଲୋ ଭାଇରସର ପ୍ରୟୋଗ ବା କୀଟ ବିନାଶକାରୀ କବକ ମେଟାରିଜିୟମ୍ ଆନିସୋପିଲେର ପଇଡ଼ପାଣି ବା ମକାଗୁଣ୍ଡ ବା କୁଣ୍ଡାରେ ବଂଶବିସ୍ତାର କରାଇ ଏହି କବକର ସ୍ପୋରକୁ ଗଛ ପାଖରେ ଥିବା ଖତଗଦାରେ କ୍ୟୁବିକ୍ ମିଟର ପ୍ରତି ୫ ଢ ୧୦୧୧ ସ୍ପୋର ପ୍ରୟୋଗ ଦ୍ୱାରା ଏହି କୀଟ ଦମନ ସମ୍ଭବପର ହୋଇଥାଏ। କେତେକ ଉପକାରୀ କୀଟ ମଧ୍ୟ ଅଛନ୍ତି ଯେଉଁମାନେ ଏହି ଗଣ୍ଡାପୋକକୁ ବିନାଶ କରିବାରେ ସାହାଯ୍ୟ କରନ୍ତି। କିନ୍ତୁ ଆମ ରାଜ୍ୟରେ ବା ପ୍ରାକୃତିକ ଅବସ୍ଥାରେ ଏହାର ପ୍ରୟୋଗ ଏତେଟା ସଫଳକାମୀ ହୋଇ ନଥାଏ। ଜୈବିକ ନିୟନ୍ତ୍ରଣର ଅନ୍ୟ ପ୍ରମୁଖ ଦିଗ ସ୍ୱରୂପ କୀଟ ନିୟନ୍ତ୍ରକ ସୂତ୍ରକୃମିର ଉତ୍ପାଦଡିଡି ୧୩୬ର ପ୍ରୟୋଗ କଲେ ଏହାର ପ୍ରଭାବରେ ଗଣ୍ଡାପୋକର ଶୁକ ବା କୋଷାଗୁଡ଼ିକର ଦମନ ସମ୍ଭବ ହୁଏ। ଏହି ସୂତ୍ରକୃମି ଜାତ ଉତ୍ପାଦର ପ୍ରୟୋଗ ଦ୍ୱାରା ୬୦-୧୦୦ ପ୍ରତିଶତ କୀଟ ଦମନର ନଜିର ରହିଛି। ଏତଦ୍ ଭିନ୍ନ କ୍ଷତିକାରୀ ଗଣ୍ଡାପୋକର ସଂଘ ଆକର୍ଷକ ଯନ୍ତା ବସାଇ (୫ ଏକରକୁ ୧ଟି ଯନ୍ତା ବସାଇବାର ୬୦ ଦିନ ପରେ ଆକ୍ରମଣ ଜନିତ କ୍ଷତିକୁ ୮୦ ପ୍ରତିଶତ କମାଇ ଦିଆଯାଇପାରେ। ଏହିସବୁ ଅଣରାସାୟନିକ ନିୟନ୍ତ୍ରଣ ବ୍ୟତୀତ ସମୟାନୁସାରେ ଗଛ ନିକଟରେ ଥିବା ଖତଗଦା ବା କମ୍ପୋଷ୍ଟ ପିଟରେ ବାର୍କାରିଲ ୫୦ ପ୍ରତିଶତ ଗୁଣ୍ଡ ଲିଟର ପ୍ରତି ୩ ଗ୍ରାମ ଦ୍ରବଣକୁ ସିଞ୍ଚନ କଲେ ଏହି କୀଟ ଆକ୍ରମଣରୁ ରକ୍ଷା ମିଳେ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଚାଷୀଭାଇମାନେ ନିଜେ ନିଜ ଫସଲ ସମସ୍ୟା ପାଇଁ ସମାଧାନ ଉପାୟ ନ ଭାବି ପାଖରେ ଥିବା କୃଷି ବିଜ୍ଞାନ କେନ୍ଦ୍ର ବା କୃଷି ଅନୁସନ୍ଧାନ ଓ ବୈଷୟିକ ଜ୍ଞାନକୌଶଳ କେନ୍ଦ୍ର, କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ବା ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ପରିଚାଳନା କଲେ ସେମାନେ ଫସଲ ସବସ୍ୟା ଦୂର କରିବା ସହ ନିଜର ଜ୍ଞାନ ପରିସର ମଧ୍ୟ ବଢ଼ାଇ ପାରିବେ।

ମୋ- ୯୫୮୩୨୮୫୪୯୯

# କପା ଫସଲରେ ପୋକ ପରିଚାଳନାରେ ଉପକାରୀ କୀଟର ଭୂମିକା

ଦୀପାୟନ ପାଢ଼ୀ

*କପା ଏକ ମୁଖ୍ୟ ଅର୍ଥକାରୀ ଫସଲ। ଏହାର ଆବଶ୍ୟକତା ଏବଂ ଉତ୍ପାଦନ କ୍ଷମତାକୁ ଆଖି ଆଗରେ ରଖି ଏହାକୁ 'ଧଳା ସୁନା' ମଧ୍ୟ କୁହାଯାଏ। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଏହି ଫସଲର ବିଭିନ୍ନ ପ୍ରକାରର ଅପକାରୀ ପୋକର ପ୍ରାଦୁର୍ଭାବ ବଢ଼ି ଚାଲିଛି ଯଥା ବିଭିନ୍ନ ପ୍ରକାରର ଶୋଷକ ପୋକ, ପତ୍ରଖିଆ ପୋକ ଏବଂ ଫଳବିନ୍ଧା ପୋକ। ପ୍ରଥମେ ପ୍ରଥମେ ଏହି ପୋକମାନଙ୍କ ନିରାକରଣ ପାଇଁ ରାସାୟନିକ କୀଟନାଶକ ବ୍ୟବହାର କରିବା ଦ୍ୱାରା ପୋକର ପ୍ରାଦୁର୍ଭାବକୁ କମାଯାଇ ପାରୁଥିଲା। କିନ୍ତୁ ବର୍ତ୍ତମାନର ପରିସ୍ଥିତି ଅଲଗା। ବର୍ତ୍ତମାନ ପରିସ୍ଥିତିରେ ଏହି ଫସଲକୁ ଆକ୍ରମଣ କରୁଥିବା ପୋର ନିୟନ୍ତ୍ରଣ ନିମନ୍ତେ ସବୁଦାୟ ଫସଲରେ ବ୍ୟବହୃତ ରାସାୟନିକ କୀଟନାଶକର ଶତକଡ଼ା ୫୦ ଭାଗ କେବଳ କପା ଫସଲରେ ପ୍ରୟୋଗ କରାଯାଏ। ଏହା ଯୋଗୁଁ ପରିବେଶ ପ୍ରଦୂଷଣ ସହିତ ପୋକ ମାନଙ୍କର ସହନଶକ୍ତି ବଢ଼ି, ଏହା ନୂଆ ସମସ୍ୟା ସୃଷ୍ଟି କରେ। ଏଠାରେ ଏହା କୁହାଯାଇପାରେକି, ଆମେ ପୋକ ନିୟନ୍ତ୍ରଣ ପାଇଁ କେବଳ ରାସାୟନିକ ପଦ୍ଧତି ଉପରେ ନିର୍ଭର କରିପାରିବା ନାହିଁ।*

*ଏହି କାରଣ ଯୋଗୁଁ ସମନ୍ୱିତ କୀଟ ପରିଚାଳନାର ସୃଷ୍ଟି। ଜୈବିକ ନିୟନ୍ତ୍ରଣ ପଦ୍ଧତି, ସମାନ୍ୱିତ କୀଟ ପରିଚାଳନା ବ୍ୟବସ୍ଥାର ଏକ ଅବଛେଦ୍ୟ ଅଙ୍ଗ। ଫସଲ ପରିବେଶରେ ଅପକାରୀ କୀଟ ସହିତ ଉପକାରୀ କୀଟ ପରାଶ୍ରୟୀର ଉପଯୁକ୍ତ ସଂରକ୍ଷଣ, ବଂଶବୃଦ୍ଧି ଏବଂ ଆବଶ୍ୟକ ଅନୁଯାୟୀ ପ୍ରୟୋଗ ଦ୍ୱାରା ଅନିଷ୍ଟକାରୀ କୀଟ ମାନଙ୍କର ଆଶାତୀତ ବୃଦ୍ଧିରେ ବାଧା ଉପୁଜେ। ଜୈବ ନିୟନ୍ତ୍ରଣ ଏକ ମିତବ୍ୟୟୀ, ଯୁକ୍ତିଯୁକ୍ତ ଓ ଦୀର୍ଘସ୍ଥାୟୀ କୀଟ ନିୟନ୍ତ୍ରଣ ପଦ୍ଧତି ହେଇଥିବାରୁ ଅତ୍ୟଧିକ କୀଟନାଶକ ପ୍ରୟୋଗର ଆବଶ୍ୟକତା ପଡ଼ି ନଥାଏ।*

*ଏହି ବିଷୟବସ୍ତୁରେ କପା ଫସଲରେ ଦେଖାଯାଉଥିବା କେତେକ ମୁଖ୍ୟ ପରଭୋଜୀ କୀଟ ଏବଂ ପରାଶ୍ରୟୀ କୀଟ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି।*

ପରଭୋଜୀ କୀଟ :

**ଇନ୍ଦ୍ରଗୋପୀ ଭୃଙ୍ଗ (Lady bird beetle):**

ଏହାର ଅନ୍ୟ ନାମ କାନ୍ଦୁଲ ଫାଳିଆ ପୋକ। ପୂର୍ଣ୍ଣାଙ୍ଗ କୀଟଟି ଦେଖିବାକୁ ଗୋଲାକାର, ଲାଲ, କମଳା ଓ ନାରଙ୍ଗି ରଙ୍ଗର ହୋଇଥାନ୍ତି। କିନ୍ତୁ ଭୃଙ୍ଗ ଗୁଡ଼ିକଲମ୍ୱାଳିଆ ଏବଂ ପଛଭଗତି ତିନିକୋଣିଆ। ଏହି ପୋକଟି ଅଣ୍ଡାରୁ ପୂର୍ଣ୍ଣାଙ୍ଗ ଅବସ୍ଥାରେ ପରିଣତ ହେବା ପାଇଁ ପାଖାପାଖି ୨ ରୁ ୩ ସପ୍ତାହ ଆବଶ୍ୟକ କରିଥାଏ। ଏହି ପୋକ ଗୁଡ଼ା ଜଉପୋକ ମେଳନୀ ସ୍ଥାନରେ ଧାଡ଼ିରେ ୧୫୦ରୁ ୨୦୦ଟି ଅଣ୍ଡା ଦିଅନ୍ତି।

ଏହାର ସୁକ ପୋକଟିକୁ ଠିକ୍ ଭାବରେ ନଚିହ୍ନି ପାରିବା ଦ୍ୱାରା ବେଳେବେଳେ ଏହାକୁ ଲୋକେ ଭୁଲରେ ପରଭୋଜୀ ଭାବିନିଅନ୍ତି। ଦିନବେଳେ ଏହି ଭୃଙ୍ଗ ସବୁ ବିଶେଷ ଭାବରେ ସକ୍ରିୟ ହୋଇଥାନ୍ତି। ଏହି କୀଟ ବିଶେଷ ଭାବରେ ଶୋଷକ ପୋକଙ୍କୁ ଖାଏ। ଯଥା- ଜଉପୋକ, ପତ୍ରଡିଆଁ ପୋକ, ଧଳା ମାଛିର ଅର୍ଭକ, ପାତ୍ର ଉକୁଣି ଇତ୍ୟାଦି। ସୁକ ଅବସ୍ଥାରେ ଏମାନେ ଅଧିକ ପୋକ ଖାଇନିଅନ୍ତି (ହାରାହାରି ୪୫ଟି ପୋକ/ଦିନ)

**ବୁଢ଼ିଆଣୀ :**

କପା ଫସଲରେ ସାଧାରଣତ ଦୁଇ ପ୍ରକାରର ପରଭୋଜୀ ବୁଢ଼ିଆଣୀ ଦେଖାଯାନ୍ତି। କିଛି ଅପକାରୀ କୀଟକୁ ସିଧାସଳଖ ଖାଇନିଅନ୍ତି, ତ କିଛିଜାଲ ତିଆରି କରି ଜାଲରେ ପଡ଼ିବା କୀଟମାନଙ୍କୁ ଖାଇ ନିଅନ୍ତି। କପା ଫସଲରେ ବିଭିନ୍ନ ପ୍ରକାରର ବୁଢ଼ିଆଣୀ ଯଥା- ଲମ୍ୱା ଦାନ୍ତିଆ ବୁଢ଼ିଆଣୀ, ବାଘୁଆ ବୁଢ଼ିଆଣୀ, ପତ୍ରଡ଼ିଆଁ ବୁଢ଼ିଆଣୀ ଇତ୍ୟାଦି ଦେଖାଯାନ୍ତି। ଏମାନେ ଶୋଷକ ପୋକର ଅର୍ଭକ ତଥା ପତ୍ରଖିଆ ଏବଂ ଫଳବିନ୍ଧା ପୋକମାନଙ୍କର ଶୁକକୁ ଭକ୍ଷଣ କରନ୍ତି।

**ସିରଫିଡ଼ ମାଛି :**

ବଡ଼ ବା ପୂର୍ଣ୍ଣାଙ୍ଗ ମାଛି ଫୁଲର ମଧୁ ବା ପରାଗରେଣୁ ଖାଇ ବଂଚିଥାଏ। ମାଈ ପୂର୍ଣ୍ଣାଙ୍ଗ ମାଛି ଜଉପୋକ ଦଳରେ ଅଣ୍ଡା ଦେଇଥାଏ। ଅଣ୍ଡାରୁ ଶୂକ (ଗୋଡ଼ ବିହିନ ଏବଂ ମୁଣ୍ଡ ସରୁ ଓ ପଛ ଭାଗଟି ଓସାରିଆ) ହେବା ପାଇଁ ଏହା ୩ ରୁ ୪ ଦିନ ନେଇଥାଏ। ପୂର୍ଣ୍ଣାଙ୍ଗ ମାଛିର ପେଟ ପାଖରେ ହଳଦିଆ ଏବଂ କଳା ରଙ୍ଗର ଦାଗ ଥାଏ। ସାଧାରଣତ ମାଛି ଶୂକଟି ଯଉପୋକର ଅର୍ଭକର ରସ ଶୋଷି କେବଳ ଖୋଳପାକୁ ଛାଡ଼ି ଦିଅନ୍ତି। ଏହାର ଶୂକ ପୋକଟି ଦିନକୁ ହାରାହାରି ୫୭ଟି ଜଉପୋକ ଖାଇଥାଏ।

**କ୍ରାଇସୋପେର୍ଲା :**

ଏହାକୁ ଜଉପୋକର ଖାଦକ ବୋଲି ମଧ୍ୟ କୁହାଯାଏ। ପୂର୍ଣ୍ଣାଙ୍ଗ ମାଈ ପୋକଟି ରେଶମ ସୂତାରେ ଗୋଟି ଗୋଟି କରି ଅଣ୍ଡା ଦିଏ। ମୁଖ୍ୟତଃ ଶୁକ ଗୁଡ଼ିକ ଜଉପୋକ ଅର୍ଭକ ଖାଇଥାନ୍ତି। ଶୁକ କୀଟର ଦା ଆକାରର ଦୁଇଟି ଦାନ୍ତ ଥାଏ। ଯାହାଦ୍ୱାରା ଏମାନେ କୀଟ ଶରୀରରୁ ରସ ଶୋଷଣ କରିନିଅନ୍ତି। ଜଉପୋକ ବ୍ୟତୀତ ଏମାନେ ଅନ୍ୟ ନରମ ଶରୀର ବିଶିଷ୍ଟ କ୍ଷୁଦ୍ର କୀଟମାନଙ୍କର ନିୟନ୍ତ୍ରଣରେ ସହାୟକ ହୋଇଥାନ୍ତି ଏହା ଦିନକୁ ହାରାହାରି ୪୬ ଜଉପୋକ ଖାଇଥାଏ।

**ଶିକାରୀ ଝିଣ୍ଟିକା :**

ଏହା ଏକ ସର୍ବକୀଟଭୋଜୀ ପୋକ। ଏହା ସବୁ ପ୍ରକାର ଫସଲରେ ଦେଖାଯାଏ। ଏହାର ଆଗ ଗୋଡ଼ ଦୁଇଟି ଟାଣ, କଣ୍ଟା କଣ୍ଟା ଓ ଶିକାର ଧରିବାରେ ସହାୟକ ହୋଇଥାଏ। ଏହାର ମୁଣ୍ଡଟି ଚାରି ଦିଗକୁ ଘୂରିପାରେ। ଏହାର ମାଈ ପୋକଟି ଏକ ଟାଣ ଆବରଣ ମଧ୍ୟରେ ଅଣ୍ଡା ଦେଇଥାଏ। ଏଥିରେ ଅର୍ଭକ ଓ ପୂର୍ଣ୍ଣାଙ୍ଗ କୀଟ ଅନ୍ୟ କୀଟ ମାନଙ୍କୁ ଖାଇଥାନ୍ତି। ଏହି ଉପକାରୀ ପୋକଟି ଗୋଟିଏ ଦିନରେ ହାରାହାରି ୪ଟି ଶୂକ ପୋକ ଖାଇପାରେ।

**ରେଡୁଭିଡ଼ ବଗ ବା ହତ୍ୟାକାରୀ ପୋକ :**

ହତ୍ୟାକରୀ ପୋକ ଏକ ବିଶେଷ ଧରଣର ଉପକାରୀ କୀଟ। ଏହା ନିଜ ଠାରୁ ଭାରି ଓ ବଡ଼ ଆକାରର କୀଟ ମାନଙ୍କୁ ଶିକାର କରିଥାନ୍ତି। ଏହି ହତ୍ୟାକାରୀ କୀଟ ମୁଖ୍ୟତଃ ଶୂକ ପୋକ, ଜଉପୋକ ଓ ଅନ୍ୟ ପୋକମାନଙ୍କର ଅଣ୍ଡା ଖାଏ। ଏହା ନିଜର ଶୁଣ୍ଢ ଦ୍ୱାରା ଶିକାର ଶରୀର ମଧ୍ୟରେ ଏକ ବିଷାକ୍ତ



ପଦାର୍ଥ ଛାଡ଼ିଥାଏ। ତଦ୍ୱାରା ଶିକାର ପୋକଟି ନିସ୍ତେଜ ହୋଇଥାଏ, ଯାହାକି ଶିକାରୀ ପୋକକୁ ଶିକାର ଠାରୁ ରସ ଶୋଷିବାରେ ସହାୟକ ହୋଇଥାଏ। ଏହା ଦିନକୁ ହାରାହାରି ୬ଟି ଶୂକପୋକକୁ ଶିକାର କରେ।

ପେଣ୍ଟାଟୋମିଡ଼ (ପଞ୍ଚକୋଣୀ)

**ବଗ ବା ଢ଼ାଲ ବଗ :**

ଏହାର ମାଈ ପୋକଟି ପତ୍ରର ଉପରି ଭାଗରେ ଉଜ୍ଜ୍ୱଳ ଧାତୁ ରଙ୍ଗର ଅଣ୍ଡା ଧାଡ଼ିରେ ଦେଇଥାନ୍ତି। ଏହିପୋକ ଗୁଡ଼ିକ ନିଜ ଲମ୍ୱା ଶୁଣ୍ଢ ଦ୍ୱାରା ରସ ଶୋଷି ନିଜ ଆକାର ଠାରୁ ବଡ଼ କୀଟମାନଙ୍କୁ ଖାଇ ପାରନ୍ତି। ଏମାନେ ଗୋଟିଏ ଦିନରେ ହାରାହାରି ୫ଟି ଶୂକକୁ ଶିକାର କରିପାରନ୍ତି।

କାରାବିଡ଼ ଭୃଙ୍ଗ ବା ଗ୍ରାଉଣ୍ଡ ବିଟିଲ :ଗ୍ରାଉଣ୍ଡ ବିଟିଲର ଉଭୟ



ପୂର୍ଣ୍ଣାଙ୍ଗ ଅବସ୍ଥା, ଶୂକ କଳାରଙ୍ଗର। ଏହାର ଉଭୟ ପୂର୍ଣ୍ଣାଙ୍ଗ ଏବଂ ଶୂକ ଅବସ୍ଥାରେ ଶିକାର କରନ୍ତି। ଏହାର ପୂର୍ଣ୍ଣାଙ୍ଗ ଅବସ୍ଥାରେ ମୁହଁରେ ଦା ଆକୃତିର ଦାନ୍ତ ଥାଏ। ଗୋଟିଏ ପୋକ ଦିନରେ ହାରାହାରି ୫ଟି ଶୂକ ପୋକ ଖାଇଥାଏ।

**ଶିକାରୀ ବିରୁଡ଼ି :**

ଏମାନେ ଘରର କାନ୍ଥ କୋଣରେ ମାଟି ଘର ତିଆରି କରିଥାଏ। ପୂର୍ଣ୍ଣାଙ୍ଗ ବିରୁଡ଼ି ବିଭିନ୍ନ ପ୍ରକାରର ଶୂକ ଗୁଡ଼ିକୁ ବୋହିଆଣି, ସେମାନଙ୍କୁ ନିସ୍ତେଜ କରି ଏହାର ଛୁଆ ଗୁଡ଼ିକୁ ଖାଇବାକୁ ଦେଇଥାନ୍ତି। ଏମାନେ ନିଜ ନାହୁଡ଼କୁ ଅନ୍ୟ କୀଟମାନଙ୍କୁ ଭୟଭୀତ କରିବାରେ ବ୍ୟବହାର କରନ୍ତି।

**ଧବନ ଭୃଙ୍ଗ :**

ଏହା ଏକ ଉଜ୍ଜ୍ୱଳ ଲାଲ ରଙ୍ଗର ଟାଣ ଶରୀର ଥିବା ପୋକ। ଏହାକୁ ମୁଖ୍ୟତଃ ଗୋଟି ପୋକ ଏବଂ ଆମେରିକୀୟ ବକରା ବିନ୍ଧା ପୋକର ଶୁକ ନିୟନ୍ତ୍ରଣରେ ବ୍ୟବହାର କରାଯାଏ।

**ପରାଶ୍ରୟୀ କୀଟ :**

**ଟ୍ରାଇକୋଗ୍ରାମ :**

ଏହା ଏକ ଅଣ୍ଡା ପରାଶ୍ରୟୀ କୀଟ। ପୂର୍ଣ୍ଣାଙ୍ଗ ମାଈ କୀଟଟି ମୋଥ ବା ପ୍ରଜାପତି ଜାତୀୟ କୀଟମାନଙ୍କ ଅଣ୍ଡା ମଧ୍ୟରେ ଅଣ୍ଡା ଦେଇଥାଏ। ଟ୍ରାଇକୋଗ୍ରାମା ଅଣ୍ଡାର ଛୁଆ ଶିକାର କୀଟର ଅଣ୍ଡାକୁ ନଷ୍ଟ କରି ଏଥିରୁ ପୁଣିଟ୍ରାଇକୋଗ୍ରାମା କୀଟ ବାହାରିଥାଏ। ଏହାକୁ କପା ଫସଲରେ ବକରା ବିନ୍ଧା କୀଟ, ପତ୍ରଖିଅ ଘୋଡ଼ାପୋକ ଓ କାହାଳୀ ପୋକ ଇତ୍ୟାଦିର ନିୟନ୍ତ୍ରଣ ପାଇଁ ବ୍ୟବହାର କରାଯାଏ। ଏହି କୀଟକୁ ଗବେଷଣାଗାରରେ ବୃଦ୍ଧି କରାଯାଇ ଟ୍ରାଇକୋକାର୍ଡ଼ ଭାବରେ ବିକ୍ରି କରାଯାଇ ପାରିବ। ଗୋଟିଏ ଟ୍ରାଇକୋକାର୍ଡ଼ରେ ପାଖାପାଖି ୨୦,୦୦୦ କୀଟ ଥାଏ। ୬୦,୦୦୦ ଟ୍ରାଇକୋଗ୍ରମା କୀଟ ଏକରକୁ ପ୍ରତି ସପ୍ତାହ ଅନ୍ତରରେ ୪/୬ ଥର ଛଡ଼ାଯାଏ।

**କୋଟେସିଆ:**

ଏହା ଏକ ଶୁକ ପରାଶ୍ରୟୀ କୀଟ। ଅଣ୍ଡାରୁ ଫୁଟିବା ପରେ ଛୁଆ ଗୁଡ଼ିକ ଶୁକ ପୋକ ଶରୀରର ଅଭ୍ୟନ୍ତରୀୟ ତନ୍ତୁ ଗୁଡ଼ିକୁ ଖାଇ ଯାଆନ୍ତି। ଏମାନେ କପା ଫସଲରେ ଫଳବିନ୍ଧା ପୋକ, ପତ୍ରଖିଅ ଗୋଟି ପୋକ ଇତ୍ୟାଦିର ଶୁକରେ ଅଣ୍ଡା ଦେଇ ଏହାର ନିୟନ୍ତ୍ରଣ କରନ୍ତି।

ସହ ପ୍ରାଧ୍ୟାପକ, କୀଟତତ୍ୱ ବିଭାଗ,
ଏମ୍.ଏସ୍. ସ୍ୱାମୀନାଥନ କୃଷି ବିଶ୍ୱ ବିଦ୍ୟାଳୟ,
ପାରଳାଖେମୁଣ୍ଡି
ମୋ- ୮୨୮୦୦୨୮୧୬୬




## ନୋଏଡ଼ା ଜଗନ୍ନାଥ ମନ୍ଦିରର ପ୍ରାଣ ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ

ନୋଏଡ଼ା/ ନୂଆଦିଲ୍ଲୀ ତା ୦୩.୦୨.୨୫ ରିଖ: ନୋଏଡ଼ାସ୍ଥିତ ଜଗନ୍ନାଥ ମନ୍ଦିରଠାରେ ପାଞ୍ଚଦିନିଆ ପ୍ରାଣ ପ୍ରତିଷ୍ଠା ମହୋତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଗତ ଜାନୁୟାରୀ ୨୯ ତାରିଖଠାରୁ ଆରମ୍ଭ ହୋଇ ଫେବୃୟାରୀ ୨ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ଭବ୍ୟ ଉତ୍ସବ ଉପଲକ୍ଷେ ୧୨୧ ନମ୍ବର ସେକ୍ଟରସ୍ଥିତ ନବ ନିର୍ମିତ ଜଗନ୍ନାଥ ମନ୍ଦିରଟିକୁ ଖୁବ ସରସ ଓ ସୁନ୍ଦର ଭାବରେ ରଙ୍ଗବେରଙ୍ଗର ଫୁଲ, କପଡ଼ା ଏବଂ ଆଲୋକମାଳା ସହିତ ସଜା ଯାଇଥିବା ଦେଖାଯାଇଥିଲା । ପ୍ରାଣ ପ୍ରତିଷ୍ଠା ପାର୍ବଣକୁ କେନ୍ଦ୍ର କରି ଏଠାରେ ପାଞ୍ଚଦିନ ଯାକ ସଙ୍ଗଠକ, ଶ୍ରଦ୍ଧାଳୁ ଏବଂ ଦର୍ଶକମାନଙ୍କ ମଧ୍ୟରେ ପ୍ରବଳ ଆନନ୍ଦ, ଅପୂର୍ବ ଉତ୍ସାହ, ଅସୀମ ଉତ୍କଣ୍ଠା ଏବଂ ଅଦମ୍ୟ ଉଦ୍ଦୀପନା ପ୍ରକାଶ ପାଇଥିବା ଲକ୍ଷ୍ୟ କରାଯାଇଥିଲା । ଲକ୍ଷାଧିକ ଭକ୍ତଙ୍କର ସମାଗମରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଠାକୁର ଶ୍ରୀସୁଦର୍ଶନଙ୍କର ବିଗ୍ରହମାନଙ୍କରେ ପ୍ରାଣ ସଂସ୍ଥାପନା କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ଶ୍ରୀଜଗନ୍ନାଥ ସମିତିର ସଭପତି ବିଶ୍ୱନାଥ ତ୍ରିପାଠୀ, ସାଧାରଣ ସମ୍ପାଦକ ଡଃ ମନୋରଞ୍ଜନ ମହାନ୍ତି, ଉପ-ସଭାପତି ପ୍ରମୋଦ ଭଲ ଏବଂ ଯୁଗ୍ମ ସମ୍ପାଦକ ଧନେଶ୍ୱର ନାୟକ ପ୍ରମୁଖଙ୍କର ନେତୃତ୍ୱରେ କମିଟିର କର୍ମକର୍ତ୍ତା, ସଦସ୍ୟ ଓ ସ୍ୱେଚ୍ଛାସେବୀମାନେ ସମଗ୍ର ମହୋତ୍ସବକୁ ଅଭୁତପୂର୍ବ ଭାବେ ସଫଳ କରାଇବାରେ ସକ୍ଷମ ହୋଇଥିଲେ । ବସନ୍ତ ପଞ୍ଚମୀର ଶୁଭ ତିଥିରେ ଫେବୃୟାରୀ ୨ ତାରିଖ ଦିନ ବହୁ ଆକାଂକ୍ଷିତ ପ୍ରାଣ ପ୍ରତିଷ୍ଠା ମହୋତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପୁରୀର ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ କର୍ତ୍ତାର ଦାୟିତ୍ୱ ନିର୍ବାହ କରି ପ୍ରାଣ ପ୍ରତିଷ୍ଠା ବିଧି ସମ୍ପନ୍ନ କରିଥିଲେ। ଆଦ୍ୟ ସେବକ ଭାବରେ ଗଜପତି ବିଗ୍ରହମାନଙ୍କର ପ୍ରାଣ ପ୍ରତିଷ୍ଠା ହେବା ପରେ ସର୍ବପ୍ରଥମେ ପୂଜା ଅର୍ଘ୍ୟ ପ୍ରଦାନ କରିଥିଲେ। ଏହି ସମାରୋହରେ ଯୋଗ ଦେଇଥିବା ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ସାଂସଦ ଡଃ ମହେଶ ଶର୍ମା, ଡଃ ରବୀନ୍ଦ୍ର ନାରାୟଣ ବେହେରା, ସୁରେନ୍ଦ୍ର ନାଗର, ବିଧାୟକ ପଙ୍କଜ ସିଂହ, ୱାର୍ଲଡ ଓଡ଼ିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ, ବରିଷ୍ଠ ବିଜେପି ନେତା ଶ୍ୟାମ ଯାଜୁ, ଉପେନ୍ଦ୍ର ସିଂହ, ରବି ରୋଷନ, ଦିନେଶ ଖାଡ଼?, ବିଶିଷ୍ଟ ଉଦ୍ଯୋଗପତି ରାଜେଶ ସହାୟ, ବ୍ରହ୍ମା ମିଶ୍ର, ନାରୀ ନେତ୍ରୀ ଡଃ ଚିଦାତ୍ମିକା ଖଟୁଆ, ଧର୍ମଗୁରୁ ଆଚାର୍ଯ୍ୟ ଶୈଳେଶ ତିୱାରୀ, ସନ୍ଥ ଗୌତମ ଋଷି ଏବଂ ଦିଲ୍ଲୀ ସରକାରର ମନ୍ତ୍ରୀ ସଞ୍ଜୟ ଗେହେଲଟ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ।

ଶ୍ରୀଜୀଉମାନଙ୍କୁ ଜୀବନ୍ତ ସ୍ୱରୂପ ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ ପ୍ରାଣ ପ୍ରତିଷ୍ଠା ବିଧିକୁ ହିନ୍ଦୁ ଧର୍ମରେ ଏକ ସ୍ୱତନ୍ତ୍ର ମହତ୍ୱ ପ୍ରଦାନ କରାଯାଇଥାଏ । ଏହି ପବିତ୍ର ପର୍ବ ଉପଲକ୍ଷେ ମନ୍ଦିରରେ ସ୍ୱତନ୍ତ୍ର ପୂଜା, ରୀତିନୀତି, ଉପଚାର, ଆଧ୍ୟାତ୍ମିକ ପ୍ରବଚନ, ବୈଦିକ ସେବା, ଭଜନ କୀର୍ତ୍ତନ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଗୋଷ୍ଠୀଗତ ବନ୍ଧୁ ମିଳନ ଆଦିର ଭବ୍ୟ ଆୟୋଜନ କରାଯାଇଥିଲା । ବିଭିନ୍ନ ପ୍ରକାରର ନୀତିକାନ୍ତି ସମ୍ପନ୍ନ ହେବା ପରେ ପୁରୀର ମୁକ୍ତି ମଣ୍ଡପ ତରଫରୁ ପ୍ରେରିତ ସେବାୟତମାନଙ୍କ ଦ୍ୱାରା ବହୁ ପ୍ରତିକ୍ଷୀତ ପ୍ରାଣ ପ୍ରତିଷ୍ଠା ପ୍ରକ୍ରିୟା ଚୂଡାନ୍ତ କରାଯାଇଥିଲା । ଏହି ମହାନ ଧାର୍ମିକ ମହୋତ୍ସବରେ ଭାରତବର୍ଷର ବିଭିନ୍ନ ଦେବସ୍ଥାନ ଯଥା:- ଅଯୋଧ୍ୟା, ହରିଦ୍ୱାର, ଋଷିକେଶ, ପୁରୀ ଓ ବାରାଣାସୀ ଆଦି କ୍ଷେତ୍ରରୁ ସାଧୁ, ସନ୍ଥ, ମହାତ୍ମାଙ୍କ ଭଳି ହିନ୍ଦୁ ଧର୍ମର ତୁଙ୍ଗ ନେତୃବୃନ୍ଦ ଆସି ଯୋଗ ଦେଇଥିବା ମନ୍ଦିର ସୂତ୍ରରୁ ପ୍ରକାଶ।

ପ୍ରାଣ ପ୍ରତିଷ୍ଠା ପରେ ମନ୍ଦିରର ଗର୍ଭଗୃହରେ ଶୋଭା ପାଉଥିବା ସୁସଜ୍ଜିତ ରତ୍ନ ସିଂହାସନ ଉପରେ ଦିଅଁମାନଙ୍କର ବିରାଜମାନର ଦୃଶ୍ୟ ବେଶ ମର୍ମସ୍ପର୍ଶୀ ଓ ଅବିସ୍ମରଣୀୟ ଥିଲା । ଏହି ମହୋତ୍ସବ ଅବସରରେ ପ୍ରତ୍ୟେକ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବହୁ ସୁନାମଧନ୍ୟ କଳାକାର ସେମାନଙ୍କର ସୃଜନଶୀଳ ପ୍ରତିଭା ଓ ପାରଦର୍ଶିତା ପ୍ରଦର୍ଶନ କରି ଦେଖଣାହାରୀମାନଙ୍କୁ ଅଭିଭୂତ କରି ଦେଇଥିବା ଦେଖାଯାଇଥିଲା। ସେମାନଙ୍କ ମଧ୍ୟରେ ସନ୍ତୋଷ ରାଉତଙ୍କର ତତ୍ତ୍ୱାବଧାନରେ ସୁରମହ୍ଲାର ଗ୍ରୁପ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସୁଧୀର ଦାଶ ଏବଂ ସାଥି, ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଦିଲ୍ଲୀପ ଚୋପ୍ରା, ଅନୀଲ ଚଞ୍ଚଳ, ବିଖ୍ୟାତ ଭଜନ ଗାୟକ ବିଜୟ ବର୍ମା, ଅମ୍ରିତା ଚତୁର୍ବେ?ଦି, ବିଜୟ ଶର୍ମା, ମୋମାର ବିଶ୍ୱ ଓ ରୋହିତ କୁମାର ବବି ଏବଂ ଓଡ଼ିଶାରୁ ଆସିଥିବା ଦାଶ ନୃତ୍ୟଶାଳାର କଳାକାରବୃନ୍ଦ ଅନ୍ୟତମ ଥିଲେ । ପ୍ରତ୍ୟେକ ସନ୍ଧ୍ୟାରେ ପ୍ରଖ୍ୟାତ ଆଧ୍ୟାତ୍ମିକ ପ୍ରବଚକ ସ୍ୱାମୀ ମାଧବାନନ୍ଦ ମହାରାଜ ଶ୍ରୀଜଗନ୍ନାଥ ଅମୃତ କଥା ଉପସ୍ଥାପନ କରିଥିଲେ। ସମଗ୍ର ପାଞ୍ଚଦିନ ଧରି ମା ଖରାଖାଇ କୀର୍ତ୍ତନ ମଣ୍ଡଳୀ ସେମାନଙ୍କର ସୁଲଳିତ ବାଜଣା ଓ ସୁମଧୁର ଭକ୍ତି ସଙ୍ଗୀତରେ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ।

ପ୍ରାଣ ପ୍ରତିଷ୍ଠା ମହୋତ୍ସବକୁ ସୁଚାରୁ ରୂପେ ଆୟୋଜନ ଓ ସୁରୁଖୁରରେ ସମାପନ କରିବାରେ ପରିଚାଳନାରେ କମିଟିର ସୁଦକ୍ଷ ସଦସ୍ୟ ବୃନ୍ଦ ଯଥା:- ନିଗମ ମହାନ୍ତି, ପ୍ରଶାନ୍ତ ଖିଲାର, ଅଭିମନ୍ୟୁ ପରିଡ଼ା, କିଶୋର ପରିଡ଼ା, ଦିଲ୍ଲୀପ ସ୍ୱାଇଁ, ରମେଶ ନାୟକ, ଅକ୍ଷୟ ସ୍ୱାଇଁ, ପ୍ରକାଶ ରାୟ, ଆଦିତ୍ୟ ସ୍ୱାଇଁ, ଦେବବ୍ରତ ମିଶ୍ର, ସୁବ୍ରତ ଜେନା, ସୁବଳ ବେହେରା ରବୀନ୍ଦ୍ର ନାୟକ, ପ୍ରସାଦ ପରିଡ଼ା, ପ୍ରଭାତ ଜେନା, ଅରୁଣ ସ୍ୱାଇଁ, ଶିବରାମ ପାଣିଗ୍ରାହୀ, ଭରତ ପ୍ରଧାନ, ଏ.ଆର୍. ପରିଜା, ଯୁଧିଷ୍ଠିର ନାୟକ, ସୁଶାନ୍ତ ସୂତାର, ଅଜୟ କୁଅଁର, ହଳଧର ପାତ୍ର, ରବି ରାଉତ, ବିଶ୍ୱ ରଞ୍ଜନ ସ୍ୱାଇଁ, ଦେବବ୍ରତ ନାୟକ, ଅନୁପ ପରିଡ଼ା, ସନି ପରିଡ଼ା, ମହେଶ ପରିଡ଼ା ଓ ବିକ୍ରମ ପରିଡ଼ାଙ୍କର ଭୂମିକା ଖୁବ ଉଲ୍ଲେଖନୀୟ ଥିଲା।

## ଶିବାନନ୍ଦ ଆଶ୍ରମରେ ବିଶ୍ୱ ଶ୍ରମିକ ଦିବସ ପାଳିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ପଞ୍ଚାୟତର ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମରେ ମା’ ରାମଚଣ୍ଡୀ ଉପକୂଳ ବିକାଶ ପରିଷଦ ଆନୁକୂଲ୍ୟରେ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପରିଷଦର କେନ୍ଦ୍ରାପଡା ବ୍ଲକ ମହିଳା ସଭାନେତ୍ରୀ ଗାୟତ୍ରୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆଶ୍ରମର ପ୍ରତିଷ୍ଠାତା ମୁଖ୍ୟ ଶ୍ରୀମା ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱ ଶ୍ରମିକ ଦିବସ ଅବସରରେ ସମସ୍ତ ଶ୍ରମିକମାନଙ୍କ ମଙ୍ଗଳକାମନା କରିଥିଲେ। ଏଥିସହିତ ମହିଳା ଶସକ୍ତିକରଣ ନାମରେ ମହିଳାମାନେ ସ୍ୱେଚ୍ଛାଚାରୀ ନହୋଇ ସୁଗୃହିଣୀ ହୋଇ ଏକ ସୁସମାଜ ଗଠନରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡା ପୌରାଞ୍ଚଳ ମହିଳା ସଭାନେତ୍ରୀ ସ୍ନେହାଙ୍ଗୀନି ମହାରଣା, କେନ୍ଦ୍ରାପଡା ବ୍ଲକ ବିଜେଡି ସଭାପତି ସୁମିତ୍ରା ପାଢୀ, କପାଳେଶ୍ୱର ସରପଞ୍ଚଙ୍କ ପ୍ରତିନିଧି ଲୋହିତ ମହାନ୍ତି, ପରିଷଦର ରାଜକନିକା ବ୍ଲକ ମହିଳା ସଭାନେତ୍ରୀ ରୀତାଞ୍ଜଳି ନାଥ, କେନ୍ଦ୍ରାପଡା ବ୍ଲକ ସଭାପତି ସୁଧାଂଶୁ ଜେନା, କେନ୍ଦ୍ରାପଡା ବ୍ଲକ କାର୍ଯ୍ୟକାରୀ ସଭାପତି ଭବାନିଶଙ୍କର ସାହୁ, ଲକ୍ଷ୍ମୀଧର ପଲେଇ, ସ୍ନେହଲତା ପ୍ରଧାନ, ମନୋରମା ଥାଟୋଇ, କମଳା ମହାନ୍ତି, ଧରିତ୍ରୀ ମହାନ୍ତି, ଉର୍ମିଳା ପରିଡା, ଶ୍ରୀଧର ମହାନ୍ତି, ଶିକ୍ଷାବୀତ ମନୋରଞ୍ଜନ ତ୍ରିପାଠୀ ଓ ଗବେଷକ ନିରଞ୍ଜନ ମେକାପ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ରଞ୍ଜିତାରାଣୀ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଷ୍ଟ୍ରର ବିକାଶରେ ସାମ୍ବାଦିକଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଅଛି

ଭୁବନେଶ୍ୱର (ପିଏନ୍): ଉତ୍କଳ ବୁଲେଟିନ୍ ଚାରିଟେବୁଲ୍ ଟ୍ରଷ୍ଟର ବାର୍ଷିକ ବୈଠକ ସ୍ଥାନୀୟ ଜନକଲ୍ୟାଣ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ, ପ୍ରାଧ୍ୟାପକ ଡ. ଅସିତ ଦାସ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ, ସାହିତ୍ୟିକ, ସମାଜସେବୀ ଡ. ଚିତ୍ତରଞ୍ଜନ ମହାନ୍ତି, ଶହୀଦ ରଘୁ-ଦିବାକର ସ୍ମୃତି ସଂସଦର ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ପରିଡ଼ା ଯୋଗଦେଇ ରାଷ୍ଟ୍ରର ବିକାଶରେ ସାମ୍ବାଦିକର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସଂଗଠନର ସମ୍ପାଦକ ଅରବିନ୍ଦ ତ୍ରିପାଠୀ କାର୍ଯ୍ୟକ୍ରମକୁ ସଂଯୋଜନା କରି ମତବ୍ୟକ୍ତ କରିଥିଲେ ଯେ, ଅଧୁନା ସାମ୍ବାଦିକ ଓ ସାମ୍ବାଦିକତା କ୍ଷେତ୍ର ବହୁ କଣ୍ଟକିତ ପଥ ଦେଇ ଅତିକ୍ରମ କରୁଛି। ଏହି ଅବସରରେ ଡ. ଚିତ୍ତରଞ୍ଜନ ମହାନ୍ତିଙ୍କୁ ଟ୍ରଷ୍ଟର ନୂତନ ପରିଚାଳନା ନିର୍ଦ୍ଦେଶକ ଭାବେ ଦାୟିତ୍ୱ ମିଳିବା ସହ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସତ୍ୟ, ନିରପେକ୍ଷ ଖବର ସହ ନିଜର ସମ୍ମାନ ଓ ସ୍ୱାଭିମାନକୁ ସମସ୍ତେ ବଜାୟ ରଖି କାର୍ଯ୍ୟ କରନ୍ତୁ ବୋଲି କହିଥିଲେ। ଉପଦେଷ୍ଟା ମନୀଷା ରାୟ ଭର୍ଚୁଆଲ୍ ମୋଡ୍‌ରେ ଯୋଗଦେଇଥିବା ବେଳେ କାର୍ଯ୍ୟକ୍ରମକୁ ପ୍ରମୁଖ ପରିଚାଳନା କରିଥିଲେ ପ୍ରିୟବ୍ରତ ବାରିକ, ସତ୍ୟବ୍ରତ, ସ୍ୱାଗତିକା ଓ ଚନ୍ଦନକା।

## ଦରଦାମ ବୃଦ୍ଧି ବିରୋଧରେ ପ୍ରତିବାଦ ଆନ୍ଦୋଳନ ପାଇଁ ବାମପନ୍ଥୀ ଦଳମାନଙ୍କର ଆହ୍ୱାନ

ଭୁବନେଶ୍ୱର (ପିଏନ୍): ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ରର ଦରଦାମ ଆକାଶ ଛୁଆଁ ଯୋଗୁଁ ସାଧାରଣ ଲୋକଙ୍କ ଜୀବନ ଅତିଷ୍ଠ ହୋଇ ପଡିଲାଣି । କୋଟି କୋଟି ଲୋକ ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଯାଉଛନ୍ତି । ଦରଦାମ ବୃଦ୍ଧି ସହିତ ବେକାରୀ ଭୟଙ୍କର ଭାବେ ବୃଦ୍ଧି ପାଇବା ଯୋଗୁଁ ଲୋକଙ୍କ ଦୁର୍ଦ୍ଦଶା ବହୁ ଗୁଣ ବୃଦ୍ଧି ପାଉଛି ।

ଗତ ଏକ ବର୍ଷ ମଧ୍ୟରେ ପେଟ୍ରୋଲଜାତ ସାମଗ୍ରୀର ଦର ଶତକଡା ୭୦ ଭାଗ, ପନିପରିବା ଶତକଡା ୨୦ ଭାଗ, ଖାଇବା ତେଲ ଶତକଡା ୨୩ ଭାଗ ଏବଂ ଡାଲିର ଦର ଶତକଡା ୮ ଭାଗ ବୃଦ୍ଧି ପାଇଛି। ପରିବାରର ଅନ୍ୟତମ ମୂଖ୍ୟ ଖାଦ୍ୟ ଗହମର ଦର ଶତକଡା ୧୪ ଭାଗ ବୃଦ୍ଧି ଯୋଗୁଁ ସାଧାରଣ ଲୋକେ କିଣିବା ଅସମ୍ଭବ ହୋଇ ପଡିଛି । ସରକାରଙ୍କ ପକ୍ଷରୁ ଗତ ବର୍ଷ ତୁଳନାରେ ଅର୍ଦ୍ଧେକ ପରିମାଣ ମାତ୍ର ଗହମ ସଂଗୃହିତ ହୋଇଛି । ଗତ ବର୍ଷ ୪୪.୪ ମେଟ୍ରିମ୍ ଟନ ଗହମ କେନ୍ଦ୍ର ସରକାର ସଂଗ୍ରହ କରିଥିବା ବେଳେ ଚଳିତ ବର୍ଷ ଏହା ୨୦ ମେଟ୍ରିକ୍ ଟନ୍‌ରୁ ବେଶି ହେବ ନାହିଁ । ଓଡିଶାରେ ଖରିଫରେ ଅମଳ କରିଥିବା ଧାନ ପ୍ରାୟ ୪ ଲକ୍ଷ ଚାଷୀ ସରକାରୀ ମଣ୍ଡିରେ ଟୋକେନ ପାଇଥିଲେ ସୁଦ୍ଧା ବିକ୍ରୀ କରିପାରିନାହାନ୍ତି । ଫଳରେ ଚାଷୀମାନେ କ୍ୟୁଣ୍ଟାଲ ପ୍ରତି ୧୦୦୦/୧୨୦୦ ଟଙ୍କାରେ ଧାନ ବିକ୍ରୀ କରି ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି ।

ଧାରାବାହିକ ଭାବେ ପେଟ୍ରୋଲ ଜାତ ସାମଗ୍ରୀ, ରନ୍ଧନଗ୍ୟାସ ସିଲିଣ୍ଡର ଏବଂ ଗହମର ଉତ୍କଟ ଅଭାବ ଯୋଗୁଁ ଦେଶର ସାମଗୀକ ଭାବେ ମୁଦ୍ରାସ୍ଫିତି ବୃଦ୍ଧି ପାଇଛି । ଏତିକି ବେଳେ ପୁଣି ବିଜୁଳି ଦର ବୃଦ୍ଧି, ଘନ ଘନ ବିଦ୍ୟୁତ୍ କାଟ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ।

ଏଭଳି ସ୍ଥିତିରେ ଦରଦାମ ବୃଦ୍ଧିରେ ଅଙ୍କୁଶ ଲଗାଇ ଲୋକଙ୍କୁ ବଞ୍ଚାଇବା ପାଇଁ ସି.ପି.ଆଇ.(ଏମ୍), ସି.ପି.ଆଇ.,, ସି.ପି.ଆଇ.ଏମ୍.ଏଲ୍.(ଲିବରେସନ୍), ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ଭଳି ବାମପନ୍ଥୀ ଦଳମାନେ, କେନ୍ଦ୍ର ସରକାର ତୁରନ୍ତ ପେଟ୍ରୋଲଜାତ ସାମଗ୍ରୀ ଉପରେ ଆଦାୟ କରୁଥିବା ସେସ/ସରଚାର୍ଜ ପ୍ରତ୍ୟାହାର କରି ଦର କମାଇବା ଏବଂ ରନ୍ଧନଗ୍ୟାସ ସିଲିଣ୍ଡର ଦର କମାଇବା ପାଇଁ ଦାବୀ କରିଛନ୍ତି । ଏତଦ୍ ବ୍ୟତୀତ , ସରକାରୀ ଖୁଚୁରା ବିକ୍ରି କେନ୍ଦ୍ରରେ ଗହମ ସରକାରୀ ଦରରେ ଉପଲବ୍ଧ କରିବା ଏବଂ ଗଣ ବଣ୍ଟନ ବ୍ୟବସ୍ଥାକୁ ସୁଦୃଢ କରି ଖାଇବା ତେଲ, ଡାଲି ସମେତ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଯୋଗାଣ, ଆୟକର ଦେଉନଥିବା ପରିବାର ଗୁଡିକୁ ମାସିକ ୭୫୦୦/- ଟଙ୍କା ନଗଦ ଦେୟ ଦେବାକୁ ବାମପନ୍ଥୀ ଦଳମାନେ ଦାବୀ କରିଛନ୍ତି ।

ବେକାରୀ, ବେରୋଜଗାରୀ ଦୂରିକରଣ ଲାଗି ଜାତୀୟ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ଯୋଗାଣ ଆଇନ (ଗଏଘଜରଏଇ) ରେ ଅଧିକ ବ୍ୟୟ ବରାଦ, ସହରାଞ୍ଚଳରେ କର୍ମନିଯୁକ୍ତି ନିଶ୍ଚିତ କରିବା ଲାଗି ସ୍ୱତନ୍ତ୍ର ଆଇନ ପ୍ରଣୟନ, ସମସ୍ତ ଖାଲିଥିବା ପଦବୀ ପୂରଣ ଏବଂ ନିଯୁକ୍ତି ନଚେତ ବେକାରୀ ଭତ୍ତା ପାଇଁ ଦାବୀ କରାଯାଇଛି । ଚଳିତ ମଇ ମାସ ୨୫ରୁ ୩୧ ପର୍ଯ୍ୟନ୍ତ ବାମପନ୍ଥୀ ଦଳଗୁଡିକ ଦେଶବ୍ୟାପି ପ୍ରତିବାଦ ଆନ୍ଦୋଳନ ପାଇଁ ଆହ୍ୱାନ କରିଛନ୍ତି । ଓଡିଶାର ସର୍ବତ୍ର ଏହି ଆନ୍ଦୋଳନକୁ ସଫଳ କରିବାକୁ ଶ୍ରୀ ଆଶିଷ୍ କାନୁନ୍‌ଗୋ, ସଂପାଦକ ସି.ପି.ଆଇ. ଓଡିଶା ରାଜ୍ୟ କାଉନ୍‌ସିଲ୍ , ଅଳି କିଶୋର ପଟ୍ଟନାୟକ, ସମ୍ପାଦକ ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ କମିଟି, ଯୁଧିଷ୍ଠିର ମହାପାତ୍ର, ସି.ପି.ଆଇ.(ଏମ୍.ଏଲ୍) ଲିବରେସନ୍ ଓଡିଶା ରାଜ୍ୟ କମିଟି, ଜ୍ୟୋତି ରଞ୍ଜନ ମହାପାତ୍ର ସାଧାରଣ ସମ୍ପାଦକ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ଓଡିଶା ରାଜ୍ୟ କମିଟି ପକ୍ଷରୁ ଏକ ମିଳିତ ବିବୃତ୍ତିରେ ନିବେଦନ କରିଛନ୍ତି ।

## କୃଷି ବିଜ୍ଞାନ କେନ୍ଦ୍ରରେ ଜିଲ୍ଲାସ୍ତରୀୟ କୃଷି ଦିବସ ପାଳିତ




କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ପଞ୍ଚାୟତର ଜଜାଙ୍ଗସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଜିଲ୍ଲା ସ୍ତରୀୟ କୃଷି ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃଷିର ବିକାଶ ହେଲେ ରାଜ୍ୟର ବିକାଶ ହୋଇପାରିବ ବୋଲି କହିଥିଲେ। ଏଥିସହିତ ବିଧାୟକ ଶ୍ରୀ ବେହେରା ଅକ୍ଷିମୁଠି ବୁଣି ଶୁଭ ଅନୁକୂଳ କରିଥିଲେ । ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡା ବ୍ଲକ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟା ନିର୍ମଳା ମହାନ୍ତି, ରଶ୍ମି ରଞ୍ଜନ ରାଉତ, ମଧୁଛନ୍ଦା ମହାନ୍ତି, ଲିଲିତା ଦାସ, କପାଳେଶ୍ୱର ପଞ୍ଚାୟତ ସରପଞ୍ଚ କଳ୍ପନା ମହାନ୍ତି, ବରିଷ୍ଠ ରାଜନେତା ଭଜକୃଷ୍ଣ ରାଉତ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଚାଷୀମାନଙ୍କ ବିକାଶ ପାଇଁ ରାଜ୍ୟ ସରକାର କିଭଳି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । କେନ୍ଦ୍ରାପଡା ଉଦ୍ୟାନ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ କନ୍ଦ ଜେନା, ସହକାରୀ ମୃର୍ତ୍ତିକା ସଂରକ୍ଷଣ ଅଧିକାରୀ ଆଶୋକ କୁମାର ସାମଲ, ‘ଆତ୍ମା’ର ଉପପ୍ରକଳ୍ପ ନିର୍ଦ୍ଦେଶକ ମନୋରଞ୍ଜନ ରାଉଳ, ଜିଲ୍ଲା କୃଷି କାର୍ଯ୍ୟାଳୟର ଯୋଜନା ଅଧିକାରୀ ପ୍ରଦୀପ୍ତ ଘୋଷ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡଃ. ସୂର୍ଯ୍ୟ ନାରାୟଣ ମିଶ୍ର, ଉଦ୍ୟାନ କୃଷି ବିଭାଗ ବୈଜ୍ଞାନିକ ପ୍ରଭଞ୍ଜନ ମିଶ୍ର, କୃଷି ବିଭାଗର କାର୍ଯ୍ୟକ୍ରମ ସହାୟକ ପ୍ରଭାତ କୁମାର ସାହୁ, ମତ୍ସ୍ୟ ବିଭାଗ ବୈଜ୍ଞାନିକ ମାନସ ରଞ୍ଜନ ବେହେରା ଓ ମାତୃପ୍ରସାଦ ମହାନ୍ତି ପ୍ରମୁଖ ଉତ୍ସବରେ ଯୋଗଦେଇ ଚାଷୀମାନଙ୍କୁ କିଭଳି ଧାନ ଚାଷଠାରୁ ଆରମ୍ଭ କରି ମାଛ, ପନିପରିବା ଏବଂ ଅନ୍ୟାନ୍ୟ ଚାଷ ସମ୍ପର୍କରେ ବୁଝାଇଥିଲେ । ଶେଷରେ କୃଷି ବିଜ୍ଞାନ କେନ୍ଦ୍ର ଗୃହବିଜ୍ଞାନ ବିଭାଗର ବୈଜ୍ଞାନିକନମିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଶ୍ରୀ ଜଗନ୍ନାଥଙ୍କ ପଟିଦିଅଁ ଅଙ୍କନ ପାଇଁ ସ୍ୱୀକୃତି ପ୍ରଦାନ



ବାଲେଶ୍ୱର (ପିଏନ୍)- ବାଲେଶ୍ୱରରେ ପ୍ରତିବର୍ଷ ପରି ଚଳିତ ବର୍ଷ ବାଲେଶ୍ୱରୀ କଳା କେନ୍ଦ୍ର ଓ ନୋସି କଲଚୁରାଲ ଏକାଡ଼େମୀର ମିଳିତ ଆନୁକୂଲ୍ୟରେ ଶ୍ରୀ ଜଗନ୍ନାଥ ସଂସ୍କୃତିର ଅନନ୍ୟ ଓ ନିଆରା ଅଙ୍କନ ପରମ୍ପରା ପଟିଦିଅଁ ଅଙ୍କନ ଉତ୍ସବ ପାଇଁ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ରେମୁଣା ଗୋଲେଇ ନିକଟସ୍ଥ ମଙ୍ଗଳପୁର ଜଗନ୍ନାଥ ମନ୍ଦିରରେ ପୂର୍ବାହ୍ନ ୮ ଘଟିକାରେ ଶିଳ୍ପୀ କେଶୁ ଦାସ ଜଗନ୍ନାଥଙ୍କ ଅନନ୍ତ ନାରାୟଣ ଓ ଅରୁଣ କୁମାର ବାରିକ, ବଳଭଦ୍ରଙ୍କ ଅନନ୍ତ ବାସୁଦେବ ଓ ଦେବାଶିଷ ପତି, ସୁଭଦ୍ରାଙ୍କ ଭୁବନେଶ୍ୱରୀ ପଟିଦିଅଁ ଆଙ୍କିବା ପାଇଁ ମନ୍ଦିରରୁ ବିଧିପୂର୍ବକ ଚିତ୍ରକରଙ୍କୁ ସ୍ୱୀକୃତି ପ୍ରଦାନ କରାଯାଇଛି। ଚଳିତ ବର୍ଷ ବାଲେଶ୍ୱରର ନୀଳଗିରି ଜଗନ୍ନାଥ ମନ୍ଦିର, ସାସଙ୍ଗ ଜଗନ୍ନାଥ ମନ୍ଦିର, ମୋତିଗଞ୍ଜ ବାଣ୍ଡିଆ ଜଗନ୍ନାଥ ମନ୍ଦିର, ଜଳେଶ୍ୱର ଇସ୍କନ ଜଗନ୍ନାଥ ମନ୍ଦିର, ଜୟଦେବ କଷବାର ଜଗନ୍ନାଥ ମନ୍ଦିର, ମଙ୍ଗଳପୁର ଜଗନ୍ନାଥ ମନ୍ଦିର, ଦୁବଲାଗଡ଼ିର ପତିତପାବନ ଶ୍ରୀଜଗନ୍ନାଥ ଓ ଗଣେଶ୍ୱରପୁରର କାଳିଆ ଛୁଆ ଶ୍ରୀଜଗନ୍ନାଥ ଓ ରେମୁଣାର ଜଗନ୍ନାଥ ମନ୍ଦିରରୁ ଯଥାବିଧି ସ୍ୱୀକୃତି ପ୍ରଦାନ କରାଯାଇଛି। ମଙ୍ଗଳପୁର ଜଗନ୍ନାଥ ମନ୍ଦିରର ପୂଜକ ଜ୍ୟୋତିର୍ମୟ ପଣ୍ଡା, ମନ୍ଦିରର ମୁଖ୍ୟ ମନୋରଞ୍ଜନ ସାହୁ, ଚିତ୍ରଶିଳ୍ପୀ ଭବାନିଶଙ୍କର ନାୟକ, ପପୁନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିବା ବେଳେ ପୂଜକ ହରେକୃଷ୍ଣ ବେହେରା ବିଧି ସଂପାଦନ କରିଥିଲେ। ଆସନ୍ତା ଜୁନ ମାସ ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପି ନୋସି ବିଜିନେସ ପାର୍କର ଉତ୍କଳିକା ଶିଳ୍ପ ଗ୍ରାମରେ ଏକ କଳାତ୍ମକ ତଥା ଆଧ୍ୟାତ୍ମିକ ପରିବେଶ ସହ ପଟ୍ଟଚିତ୍ରର ପ୍ରଦର୍ଶନୀ, କର୍ମଶାଳା, ପ୍ରତିଯୋଗିତା ଓ ଆଲୋଚନା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ପଟିଦିଅଁ ଅଙ୍କନ ଉତ୍ସବ ସମ୍ପନ୍ନ ହେବ ବୋଲି ଜଣାପଡ଼ିଛି।

## ପ୍ରଚଣ୍ଡ ଖରାରେ ଛତା ବଣ୍ଟନ କଲା ଶ୍ରୀରାମ ସେବା ସଂଗଠନ



ବାଲେଶ୍ୱର (ପିଏନ୍)-ଶ୍ରୀରାମ ସେବା ସଂଗଠନ ତରଫରୁ ବହୁ ଦିନରୁ ପ୍ରୟାସ ଥିଲା ଯେ ଯେଉଁ ଅସହାୟ, ଭିକ୍ଷୁକ, ବିକଳାଙ୍ଗ ଲୋକମାନେ ଚଳିତ ବର୍ଷ ହେଉଥିବା ପ୍ରଚଣ୍ଡ ଖରାରେ ବସଷ୍ଟାଣ୍ଡ, ରେଲୱେ ଷ୍ଟେସନ, ସାଇ ମନ୍ଦିର ଓ ଝାଡ଼େଶ୍ୱର ମନ୍ଦିର ଆଦି ସ୍ଥାନମାନଙ୍କରେ ବସି ଭିକ୍ଷାବୃତି କରୁଛନ୍ତି ସେମାନଙ୍କୁ କେମିତି ସେହି ଯାଗାରେ ବସି ଆରାମରେ ନିଜ ପେଟ ପାଇଁ ଖାଦ୍ୟ ଯୋଗାଡ଼ କରିପାରିବେ ସେଥିପାଇଁ ଶ୍ରୀରାମ ସେବା ସଂଗଠନ ତରଫରୁ କିଛି ଖାଦ୍ୟପୁଡ଼ିଆ ଓ ଛତା ବଣ୍ଟନ କରାଯାଇଥିଲା। ବାଲେଶ୍ୱର ନୂଆ ବଜାର ସ୍ଥିତ ବାବା ଝାଡ଼େଶ୍ୱର ମନ୍ଦିର ପାଖରୁ ଏହି କାର୍ଯ୍ୟ ଆରମ୍ଭ କରାଯାଇଥିଲା। ସଂଗଠନର ସଂପାଦକ ଶ୍ରୀଯୁକ୍ତ କୃତିବାସ ପଣ୍ଡା, ସହ-ସଂପାଦକ ଚିତରଞ୍ଜନ ମହାନ୍ତି, କାର୍ଯ୍ୟନିର୍ବାହୀ ସହକର୍ମୀ କୁମାର ଶୁଭକାନ୍ତ ଓ ଅନ୍ୟ ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବୈଶାଖ ମାସର ପ୍ରଚଣ୍ଡ ଖରାରେ ଏଭଳି କାର୍ଯ୍ୟକ୍ରମକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି।

## ବିଳମ୍ବିତ ରାତ୍ରିରେ ଅସହାୟ ବୃଦ୍ଧାଙ୍କ ଶବ ଉଦ୍ଧାର

ବାଲେଶ୍ୱର (ପିଏନ୍)- ବାଲେଶ୍ୱର ରେମୁଣା ବ୍ଲକ ଗୁଡୁଦା ପଞ୍ଚାୟତ ଅନ୍ତର୍ଗତ ମାଦଳବଜା ଗ୍ରାମରେ ଦିବା ୩ଟା ସମୟରେ ଜଣେ ଅସହାୟ ବୃଦ୍ଧାଙ୍କ ମରଶରୀର ପଡ଼ିରହିଥିବା ସତ୍ତ୍ୱେ ଗ୍ରାମବାସୀ କୌଣସି ସହଯୋଗ କରି ନ ଥିଲେ। ସ୍ଥାନୀୟ ଲୋକେ ଗୁଡୁଦା ସରପଞ୍ଚ ଏବଂ ଦୂର୍ଗାଦେବୀ ଫାଣ୍ଡି ଅଧିକାରୀଙ୍କୁ ଖବର ଦେବା ପରେ ଫାଣ୍ଡି ଏବଂ ରେମୁଣା ଥାନାର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ରାତି ପ୍ରାୟ ୧୧ଟା ସମୟରେ ସେବା ସଂଗଠନ ଓଡ଼ିଶାର ଅଧ୍ୟକ୍ଷ ତଥା ବଡ଼ପାଳ ସରପଞ୍ଚ କମଳଲୋଚନ ପଣ୍ଡାଙ୍କୁ ଫୋନ କରି ଏ ବିଷୟରେ ଜଣାଇଥିଲେ। ସଂଗେ ସଂଗେ ସେବା ସଂଗଠନ ଓଡ଼ିଶାର ସଦସ୍ୟ କ୍ରିତ୍ତି କୁମାର ବିନ୍ଧାଣୀ, ମନୋଜ କୁମାର ରାଉତ, ରତିକାନ୍ତ ମାଝି, ବିଜୟ ସାହୁ, ସୂର୍ଯ୍ୟ ଲକ୍ଷ୍ମୀ ବିନ୍ଧାଣୀ, ରତ୍ନାକର ସେଠୀ ଏବଂ ଅନ୍ୟ ସଦସ୍ୟ ମାନେ ସେଠାରେ ପହଞ୍ଚି ଶବକୁ ଆମ୍ବୁଲାନ୍ସ ଜରିଆରେ ବାଲେଶ୍ୱର ବଡ଼ଡାକ୍ତରଖାନାକୁ ପଠାଇଥିଲେ।

## ସ୍ୱଚ୍ଛ ଭାରତର ଅସ୍ୱଚ୍ଛ ଚିତ୍ର



ଭୁବନେଶ୍ୱର (ପିଏନ୍): ସ୍ୱଚ୍ଛ ଭାରତର ଅସ୍ୱଚ୍ଛ ଚିତ୍ର। ଏହି ଅସ୍ୱଚ୍ଛତାର ଚିତ୍ର ଦେଖିବାକୁ ମିଳିଛି ଐତିହ୍ୟ, କୀର୍ତ୍ତିରାଜି ମଣ୍ଡିତ ମହାପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିରର ବାହାର ପ୍ରାଚୀର ପାର୍ଶ୍ୱରେ। ପରିମଳ ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ସିଂହଦ୍ୱାର ଓ ଜୋତାଷ୍ଟାଣ୍ଡ ନିକଟରେ ରହିଥିବା ପାଚେରୀ କଡ଼ରେ ଅସାମାଜିକ ବ୍ୟକ୍ତିବିଶେଷଙ୍କ ମଳତ୍ୟାଗ କରିବାଠାରୁ ଆରମ୍ଭ କରି ଆଖପାଖରେ ବସି ମଦ୍ୟପାନ କରି ପାଚେରୀ କଡ଼କୁ ମଦବୋତଲ ଫିଙ୍ଗିବା ଏବଂ ପାଦ ପ୍ରଖ୍ୟାଳନ ପ୍ରକଳ୍ପ ପାର୍ଶ୍ୱରେ ପରିସ୍ରା କରିବା ଯାହା ସମ୍ପୂର୍ଣ୍ଣ ପରିବେଶକୁ ବିଗାଡ଼ି ଦେଇଛି। ଗଣ୍ଡା ଗଣ୍ଡା ପୁଲିସ୍ ପଇଁତରା ମାରୁଥିଲେ ମଧ୍ୟ ପୁଲିସ୍‌ର ଆଖି ସାମ୍ନାରେ ଘଟୁଛି ବିପର୍ଯ୍ୟସ୍ତ ପରିମଳ। ଯାହାକୁ ନେଇ ଚିନ୍ତାପ୍ରକଟ କରିଛନ୍ତି ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ। ପବିତ୍ରତାକୁ ବିଗାଡୁଥିବା ଅସାମାଜିକ ବ୍ୟକ୍ତିବିଶେଷଙ୍କ ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ସହ ସିସିଟିଭି ପରିସର ଭିତରେ ଅଞ୍ଚଳଟିକୁ ନିଆଯାଉ। ଯେଉଁ ଐତିହ୍ୟକୁ ନେଇ ଆମେ ସାରା ବିଶ୍ୱରେ ଗର୍ବିତ ତା’ର ସୁରକ୍ଷା ପାଇଁ ପ୍ରତିଟି ନାଗରିକ ଯତ୍ନବାନ ହେବା ସହ ମନ୍ଦିର ପ୍ରଶାସନ, ସେବାୟତ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗ ନିତାନ୍ତ ଜରୁରୀ ବୋଲି ଶ୍ରୀ ସାହୁ ପ୍ରକାଶ କରିଛନ୍ତି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିନିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ର ଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା ।

# ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

କେନ୍ଦ୍ରାପଡା (ପିଏନ)- ଜନଶକ୍ତି ପାର୍ଟି ପକ୍ଷରୁ କରୋନା ମହାମାରୀ ସମୟରେ ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ କରାଯାଇଛି । ଉଦାହରଣ ସ୍ବରୂପ କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ୬୨ ଟି ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୨୩ ଜଣ ଡାକ୍ତର ଅଛନ୍ତି । ଅନେକ ସମୟରେ ଡାକ୍ତରମାନେ ବେସରକାରୀ ଭାବେ ଚିକିତ୍ସା କରୁଥିବାରୁ ଗରିବ ଅସହାୟ ଲୋକ ମାନଙ୍କୁ ପ୍ରକୃତ ଚିକିତ୍ସା କରାନଯାଇ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଉଛି । ଗରିବ ଲୋକଟି ଆମ୍ବୁଲାନସ ସୁବିଧାରୁ ମଧ୍ୟ ବଂଚିତ ହେଉଛି । ସେହିପରି କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ପର୍ଯ୍ୟାପ୍ତ ସଂଖ୍ୟକ ବେଡ ନାହିଁ ଏବଂ ଯାହା କିଛି ଅଛି ତାହା ସମ୍ପୂର୍ଣ୍ଣ ଭାବେ ପୁରୁଣା ଓ ନଷ୍ଟ ହୋଇ ଯାଇଛି । ୨.୯୦ କି.ମି ବାଟ ଟ୍ରଲିରେ ବୁହା ହୋଇ ଆସିଥିବା ଅସହାୟ ମହିଳାଙ୍କ ମୃତ୍ୟୁର ପ୍ରକୃତ ତଦନ୍ତ କରାଗଲେ ଓଡିଶାରେ ସ୍ୱାସ୍ଥ୍ୟସେବାର ପ୍ରକୃତ ଚିତ୍ର ପଦାକୁ ଆସିପାରିବ । ସେହି ପରିବାରର ଜଣଙ୍କୁ ସରକାରୀ ଚାକିରୀ ପ୍ରଦାନ କରାଯାଉ । ଓଡିଶାରେ ବିଭିନ୍ନ ଖାଉଟି ସାମଗ୍ରୀ ଓ ପନିପରିବାର ଅହେତୁକ ଦର ବୃଦ୍ଧି ଜନ ସମାଜକୁ ବ୍ୟଥିତ କରୁଛି । ଏହାର ନିରାକରଣ ନିମନ୍ତେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜନଶକ୍ତି ପାର୍ଟି ପକ୍ଷରୁ ଦାବୀ କରାଯାଇଛି । ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଡଭୋକେଟ ପ୍ରଦୀପ କୁମାର ଦାଶ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ସହକାରୀ ଜିଲ୍ଲାପାଳ ଶିବ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି ।

# ଚୋରୀ ମାମଲାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ଉଠାଇନେଇଛି

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ସହରର ସଟରତାଡି ଚୋରୀ କରିବା ଓ ମହିଳା ବିଜେଡି ସଭାନେତ୍ରୀଙ୍କ ଘରୁ ଝରକା ରେଲିଂ ତାଡି ଚୋରୀ କରିବା ଘଟଣାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ସନ୍ଦେହରେ ଉଠାଇ ନେଇ କୌଣସି ଏକ ଅଜଣା ସ୍ଥାନରେ ରଖି ପଚରାଉଚୁରା କରୁଥିବା ଜଣାପଡିଛି । ପୋଲିସ ଉଠାଇ ନେଇଥିବା ସଂପୃକ୍ତ ବ୍ୟକ୍ତି ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ରଣପଡା ଗ୍ରାମର ସେକ ବାବୁ ।

# ଓଡ଼ିଶା ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂସ୍କାର ବିରୋଧରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା, (ପିଏନ)- ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସଂସ୍କାର ଆଣିବା ନିମନ୍ତେ ଗତ ସେପ୍ଟେମ୍ବର ୪ରେ ପ୍ରକାଶିତ ଅଧ୍ୟାଦେଶ ସଂଖ୍ୟା ୮୨୧୯-ଆଇ-ଲେଗିସି- ୩୫/ ୨୦୨୦/ ଏଲକୁ ବିରୋଧ କରି ମୟୂରଭଞ୍ଜ ସିଟିଜେନ ଫୋରମ୍, ମୟୂରଭଞ୍ଜ ସାହିତ୍ୟ ପରିଷଦ ପ୍ରମୁଖ ସଙ୍ଗଠନ ସହ ଜିଲ୍ଲାର ବୁଦ୍ଧିଜୀବୀଗଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶିତ ଅଧ୍ୟାଦେଶ ଅନୁଯାୟୀ ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ଏଣିକି ବିଶ୍ୱବିଦ୍ୟାଳୟ ସ୍ତରରେ କୁଳପତିଙ୍କ ଅଧ୍ୟକ୍ଷତାରେ ନହୋଇ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା କରାଯିବ । ଯାହାକୁ ନେଇ ବିବାଦ ଦେଖାଦେଇଛି । ବିଶ୍ୱବିଦ୍ୟାଳୟ ଏକ ସ୍ୱୟଂଚାଳିତ ଶିକ୍ଷା ଅନୁଷ୍ଠାନ । ଉହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହଯୋଗରେ ପରିଚାଳିତ ହୋଇଥାଏ । ଏହାର ଆସିଷ୍ଟାଂଟ ପ୍ରଫେସର, ଆସୋସିଏଟ ପ୍ରଫେସର, ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଭାରତ ସରକାରଙ୍କ ସ୍ୱତନ୍ତ୍ର ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନିର୍ଦ୍ଦିଷ୍ଟ ନୀତି, ମାର୍ଗଦର୍ଶୀକା ଅନୁଯାୟୀ ହୋଇଥାଏ । ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର ଚାକିରୀରୁ ଅବସର, ପଦୋନ୍ନତି, ପରିତ୍ୟାଗ, ବୀଦେଶ ଗମନ, ଅନ୍ୟ ବିଶ୍ୱବିଦ୍ୟାଳୟରେ ଯୋଗଦାନ ଆଦି କାରଣରୁ ପ୍ରତ୍ୟେକ ବର୍ଷ ବହୁ ପଦବୀ ଖାଲିପଡ଼ିଥାଏ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନୀତି ଓ ମାର୍ଗଦର୍ଶୀକା ଅନୁଯାୟୀ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଶିକ୍ଷକ ନିଯୁକ୍ତି ଚୟନ କମିଟି ତତ୍କାଳ ଏହାର ନିଯୁକ୍ତି ପ୍ରକ୍ରିୟା ଶେଷ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା ବାତାବରଣକୁ ରକ୍ଷା କରିପାରିଥାଏ । ବିଶ୍ୱବିଦ୍ୟାଳୟ ସମାଜର ସର୍ବୋଚ୍ଚ ସମ୍ମାନୀୟ ଜ୍ଞାନ ଓ ଗବେଷଣାର ପବିତ୍ର କ୍ଷେତ୍ର ହୋଇଥିବା ସମୟରେ କୁଳପତି ମଧ୍ୟ ସର୍ବୋଚ୍ଚ ସମ୍ମାନୀୟ ବ୍ୟକ୍ତି ଅଟନ୍ତି । ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ପବ୍ଲକି ସାର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ହେଲେ ଖୋଲା ଖୋଲି ଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ନୀତି ଓ ମାର୍ଗଦର୍ଶୀକାକୁ ଉଲ୍ଲଙ୍ଘନ କରାଇବ । ପୁଣି ଓପିଏସସି ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ଅସମ୍ଭବ ଅଟେ । ଫଳରେ ଶିକ୍ଷକ ଅଭାବ ଜନିତ ପରିସ୍ଥିତି ହେତୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟିହେବା ସାଙ୍ଗକୁ ଅଶାନ୍ତ ବାତାବରଣର କାରଣ ପାଲଟି ଯିବ । ପୁଣି କୁଳପତି ପରି ସର୍ବୋଚ୍ଚ ପଦବୀର ଅମର୍ଯ୍ୟାଦା ହୋଇ ତାହା ପ୍ରଶାସନ ଓ ଅମଲାତନ୍ତ୍ରର ଖେଳନା ହୋଇଯିବ । ଏଥି ସହିତ ବିଶ୍ୱବିଦ୍ୟାଳୟର ଚରମ ଅଧୋଗତି ହେବ ବୋଲି ଦର୍ଶାଇ ମୟୁରଭଞ୍ଜ ସିଟିଜେନ ଫୋରମ ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ, ଓଡ଼ିଆ ଜାଗରଣ ମଂଚର ସଭାପତି ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ବେଳେ ଏହାର ନକଲ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଚେୟାରମ୍ୟାନ ଓ ସେକ୍ରେଟେରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ, ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି ।

# ବିଜୁଳି ଓ ରାସ୍ତାରୁ ବଂଚିତ ଚନ୍ଦନପୁର ଜେନାସାହି ଗ୍ରାମବାସୀ

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଚେତାବନୀ

କେନ୍ଦ୍ରାପଡା, (ପିଏନ)- ସ୍ୱାଧିନତାର ୭୪ ବର୍ଷ ପରେ ମଧ ଗ୍ରାମବାସୀ ମାନେ ଗାଁକୁ ଯିବାକୁ ରାସ୍ତା ପାଉ ନଥିବା ବେଳେ ଗ୍ରାମ୍ୟ ବିଦ୍ୟୁତକରଣ ଯୋଜନା ସାତ ସପନ ହୋଇ ରହିଛି । ରାସ୍ତା ନଥିବାରୁ ବର୍ଷ ସାରା ପାଣି କାଦୁଅରେ ପଶି ବିଲ ଭିତରେ ନିଜ ଘରକୁ ଯାଉଥିବା ଭଳି ଏକ ବାସ୍ତବ ଚିତ୍ର କେନ୍ଦ୍ରାପଡା ବ୍ଲକ ଅଧିନ କଂସାର ପଂଚାୟତର ଚନ୍ଦନପୁର ଗ୍ରାମର ଜେନାସାହିରେ ଦେଖିବାକୁ ମିଳୁଛି । ଚନ୍ଦନପୁର ଗ୍ରାମର ପଡା ଗ୍ରାମରେ ରହୁଥିବା ପ୍ରାୟ ୨୦ଟି ପରିବାର ରାସ୍ତା ଓ ଆଲୋକ ପାଇଁ ଅଭିଶପ୍ତ ଜୀବନ ବିତାଉଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । କେନ୍ଦ୍ରାପଡା ଟାଉନରୁ ମାତ୍ର ୭ କିମି ଦୂରରେ ଅବସ୍ଥିତ ଏହି ଗ୍ରାମର ଅବସ୍ଥା ଆଖିରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ନିର୍ବାଚନ ସମୟରେ ଭୋଟ୍ ପାଇଁ ପ୍ରଚାର କରିବାକୁ ଆସୁଥିବା ନେତା ମାନେ ରାସ୍ତା ଏବଂ ଆଲୁଅ ଯୋଗାଇ ଦେବା ପାଇଁ ପ୍ରତିଥର ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଉଥିଲେ ମଧ ଏପର୍ଯ୍ୟନ୍ତ ତାହା ପାଣିର ଗାର ହୋଇ ରହିଛି । ସ୍ଥାନୀୟ ସରପଂଚ ପ୍ରଦ୍ୟୁମ୍ନ ଜେନା ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଉଦ୍ୟମ କରିଥିଲେ ମଧ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗର ଅସହଯୋଗ କାରଣରୁ ସ୍ଥାନୀୟ ବାସିନ୍ଦା ଦହଗଞ୍ଜ ଭୋଗୁଥିବା ଜଣାପଡିଛି । ଏହି ଗ୍ରାମରେ ରହୁଥିବା ପ୍ରାୟ ୨୦ ଘର ଦଳିତ ସଂପ୍ରଦାୟର ପରିବାର ନିଜର ମୌଳିକ ସୁବିଧା ପାଇବା ପାଇଁ ଆପତି ଅଭିଯୋଗ କଲେ ମଧ କେହି ଶୁଣିବାକୁ ନାହାନ୍ତି । ନିର୍ବାଚିତ ପ୍ରତିନିଧି ମାନେ ଭୋଟ୍ ପାଇବା ପରେ ଦ୍ୱିତୀୟ ଥର ପାଇଁ ଗାଁ ଭିତରେ ପାଦ ପକାଉ ନଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏହି ଗ୍ରାମବାସୀ ମାନଙ୍କୁ ଯାତାୟତ ପାଇଁ ରାସ୍ତା, ଆଲୋକ ଓ ପାନୀୟ ଜଳ ଯଥା ଶିଘ୍ର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆ ନଗଲେ ଏହି ଦଳିତ ସଂପ୍ରଦାୟର ବ୍ୟକ୍ତିମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।

# ବାଂଶପାଣି ରେଳସାଇଡିଂରେ ୨ ଗୋଷ୍ଠୀ ସଂଘର୍ଷ ଘଟଣାରେ ମାଷ୍ଟର ମାଇଣ୍ଡ ଫେରାର ଡାମେଜ କଟ୍ରୋଲ ପାଇଁ କଲେଜ ର ଭଣଜାକୁ ଗିରଫ କଲା ପୋଲିସ

ଯୋଡ଼ା(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ବାଂଶପାଣି ରେଳ ସାଇଡିଂ ଠାରେ ଗତ ସେପ୍ଟେମ୍ବର ମାସ ୧୨ ତାରିଖ ଦିନ ଲୁହା ପଥର ପରିବହନକୁ ନେଇ ଘଟିଯାଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଅଭିଯୁକ୍ତଙ୍କୁ ଆମିର ହୁସେନକୁ (୩୦) ଯୋଡା ଥାନା ପୋଲିସ ସୋମବାର ମଧ ରାତ୍ରୀରେ ଗିରଫ କରି କେଶ ନଂ ୧୩୦/ ୨୦୨୦ ଦଫା ୧୪୭/୧୪୮/ ୪୫୨/୩୨୩/୩୨୫/୪୩୬/ ୪୨୭/୩୦୭/୫୦୬/୧୪୭ ଆଇପିସି ଧାରରେ ମାମଲା ରଜୁ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଖବର ହସ୍ତଗସ୍ତ ହୋଇଛି । ସ୍ଥାନୀୟ ଅଧିବାସୀଙ୍କ ଠାରୁ ପ୍ରକାଶ ଯେ ଆମିର ହୁସେନର ମାମୁଁ ଏମଡି ଫିରୋଜ ଅହମ୍ମଦ ଓରଫ କଲେଜ ସିଧାସଳଖ ଭାବେ ଏହି ଘଟଣାରେ ଗଣ୍ଡଗୋଳ ଏବଂ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିଲେ ମଧ ଯୋଡା ଥାନା ପୋଲିସ କଲେଜଙ୍କ ଉପରେ ଅହେତୁକ ଅନୁକମ୍ପା ଦେଖାଉଥିବା ମନେ ହୁଏ । ଏକଦା ତ କାଳୀନ ବଡବିଲ ଏସଡିପିଓ ରାଜେଶ ପଣ୍ଡିତଙ୍କର ଅତ୍ୟନ୍ତ ଅନୁମତ ଭାବେ ପ୍ରଚାର କରି ନିଜ ଇଛା ମୁତାବକ ବିଭିନ୍ନ ଖଣି ସଂସ୍ଥାରୁ କାର୍ଯ୍ୟ ନେବା ଏବଂ ସ୍ଥାନୀୟ ଅ ଳର ଜନସାଧାରଣ ନାମରେ ପୋଲିସକୁ ମିଥ୍ୟା ତଥ୍ୟ ଯୋଗାଇ ପୋଲିସର ଇନ୍‌ଫର୍ମ ସାଜି କଲେଜ କୋଟି କୋଟି ଟଙ୍କା ମୁନଫା କରିଥିବା ସାଧାରଣରେ ଚର୍ଚ୍ଚା ହୁଏ । ପିଲେଟ ଚୋରି ଠାରୁ ଆରମ୍ଭ କରି ବାଂଶପାଣି ୟୁନାଇଟେଡ୍ କ୍ରସର ଘଟଣା ରେ ଗିରଫ କରାଇବା ସହିତ ମୁକେଶ ସିଂଙ୍ଗାନିଆ କୁ ଗିରଫ ଘଟଣାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କଲେଜ ନିଜ ସ୍ୱାର୍ଥ ସାଧାରଣ ନିମନ୍ତେ ପୋଲିସକୁ ହାତ ବାରିସ କରି ବ୍ୟବହାର କରୁଥିଲା । ପୋଲିସର ଧମକ ଚମକ ଦେଇ କାମ ହାତଇବା ସହିତ ଯେ କେହିବି ତାଙ୍କ ସ୍ୱାର୍ଥ ରେ ବାଧା ସୃଷ୍ଟି କରୁଥିଲେ ତାଙ୍କୁ ଜେଣେ ତେଣେ ପ୍ରକାରଣେ ପୋଲିସ ସହାୟତା ନେଇ ଗିରଫ କରାଇ ଯୋଡା ଅ ଳରେ ଭୟର ବା ାବରଣ ସୃଷ୍ଟି କରୁଥିଲେ । ଘଟଣା ଦିନ ବାଂଶପାଣି ସାଇଡିଂରେ ବିବାଦର ସୂତ୍ରପାପ୍ତ ଏବଂ ଆକ୍ରମଣର ମାଷ୍ଟର ମାଇଣ୍ଡ କଲେଜ ଥିବା ନେଇ ଫିରୋଜ ମହମ୍ମଦ ଓରଫ କଲେଜ ଥିବା ନେଇ ଯଥେଷ୍ଟ ପ୍ରମାଣ ମିଳୁଥିଲେ ମଧ ଯୋଡା ଥାନା ପୋଲିସ ଏଜାବତ କଲେଜକୁ କାହିଁକି ଗିରଫ କରିନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । କଲେଜ ର ଭଣଜା କୁ ଗିରଫ କରିଥିବା ବେଳେ ମାଷ୍ଟର ମାଇଣ୍ଡ କଲେଜ ଫେରାର ଥିବା ପୋଲିସର ସ୍ୱଛତା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । କଲେଜ ଭଳି ଜଣେ ସାଧାରଣ ଲୋକ ଏତେ ଶିଘ୍ର ପୋଲିସର ଆସ୍ଥାଭାଜନ କିପରି ହୋଇପାରିଲା ଏବଂ ଏଜାବତ ତାର କାର୍ଯ୍ୟକଳାପ ପୋଲିସ ରାଡାରକୁ ନଆସିବା ଘଟଣା ସମସ୍ତଙ୍କୁ ଚକିତ କରିଛି । କଲେଜ ଉପରେ ବାରମ୍ବାର ଆଙ୍ଗୁଳି ନିର୍ଦ୍ଦେଶ ହେଉଥିଲେ ମଧ ପୋଲିସ କେଉଁ ସ୍ୱାର୍ଥକୁ ଆଖି ଆଗରେ ରଖି ତାକୁ ଗିରଫ କରୁନଥିବା ବେଳେ ତାଙ୍କ ଭଣଜା ଆମରି ହୁସେନ ପୂର୍ବରୁ ବାଂଶପାଣି ରେଳ ସାଇଡିଂରେ ଆଇରନ ପିଲେଟ ଚୋରି ଘଟଣାରେ ଜେଲ ଯାଇଥିବା ଜଣାପଡିଛି । ଏହି ଘଟଣାରେ କେନ୍ଦୁଝର ଜିଲ୍ଲା ଏସପି ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି ।




2025-2026

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2025

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ଖେଳ ପର୍ଯ୍ୟବେକ୍ଷକ

Bhubaneswar Saturday May 17 | ଭୁବନେଶ୍ୱର ଶନିବାର, ୧୭, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com 

## ଶ୍ରୀ କ୍ରିଷ୍ଣା ଇଣ୍ଟରନାସନାଲ ସ୍କୁଲରେ ସି.ବି.ଏସି.ଇ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ଶତ ପ୍ରତିଶତ ଫଳାଫଳ :୨୦୨୫

ଭୁବନେଶ୍ୱର,(ପି.ଏନ):ଆଜି ସି.ବି.ଏସ୍.ଇ ବୋର୍ଡ଼ ଦଶମ ଓ ଦ୍ୱାଦଶ ଫଳାଫଳ ଘୋଷଣା ହେବାପରେ ଭୁବନେଶ୍ୱର ମଳିପଡାସ୍ଥିତ ଶ୍ରୀ କ୍ରିଷ୍ଣା ଇଣ୍ଟରନାସନାଲ ସ୍କୁଲରେ ଖୁସିର ମହଲ ସୃଷ୍ଟି ହୋଇଯାଇଅଛି। ସବୁ ବର୍ଷ ପରି ଏବର୍ଷ ମଧ ସମସ୍ତ ପିଲା ୬୦%ରୁ ଉର୍ଦ୍ଧ୍ୱ ମାର୍କରେ ଉତ୍ତୀର୍ଣ୍ଣ ହୋଇପାରିଛନ୍ତି ଏବଂ ଦଶମରେ ୨୫% ପିଲା ୯୦% ମାର୍କ ରଖିଥିବା ବେଳେ, ଦ୍ୱାଦଶରେ ୨୦% ପିଲା ୯୦%ରେ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟର ଗୌରବ ମଣ୍ଡନ କରିଛନ୍ତି। ବିଦ୍ୟାଳୟର ଅଭିଜିତ୍ ଦାସ ଓ ଅନଭି ଅଳକ୍ରିଂତା ଦଶମ ଶ୍ରେଣୀରେ ଟପ୍ପର ହୋଇଥିବା ବେଳେ ଦ୍ୱାଦଶ ଶ୍ରେଣୀରେ ଚ଼ନ୍ଦ୍ରକାନ୍ତ ସାହୁ ୯୦% ରଖି ଟପ୍ପର ହୋଇଛନ୍ତି। ଆଜିର ଫଳାଫଳ ରେ ଖୁସିହୋଇ ବିଦ୍ୟାଳୟର ଚେୟାରମ୍ୟାନ୍ ଶ୍ରୀଯୁକ୍ତ ପବିତ୍ର ରାଉତରାଏ ବିଦ୍ୟାଳୟର ଅଧକ୍ଷା , ଉପାଧକ୍ଷ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ସମସ୍ତଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଥିଲେ ।



ବିଦ୍ୟାଳୟ ର ଅଧକ୍ଷ ନମ୍ରତା ସିଂ ସମସ୍ତ ପିଲାମାନଙ୍କୁ ଆଶ୍ରିର୍ବାଦ ଦେବା ସହ ଜୀବନରେ ଜଣେ ଜଣେ ଭଲ ମଣିଷ ହେବାକୁ ପ୍ରେରଣା ଦେଇଥିଲେ। ଉପାଧକ୍ଷ ମଧ ପିଲାମାନଙ୍କୁ କିଛି ଗୁରୁମନ୍ତ୍ର ଓ କିଛି ଉପଦେଶ ଦେଇଥିଲେ ଜୀବନ ପଥରେ ଅଗ୍ରସର ହେବା ପାଇଁ ଏବଂ ଜୀବନରେ ନିଜର ଲକ୍ଷ ପଥରେ ଅଗ୍ରସର ହୋଇ ସମାଜରେ ଭଲ ମଣିଷ ହେବା ପାଇଁ ଉପଦେଶ ଦେଇଥିଲେ।ଏହି କୃତିତ୍ୱ ପାଇଁ ଅଭିଭାବକ ଓ ଅନ୍ୟାନ୍ୟ ମହଲରୁ ବିଦ୍ୟାଳୟ ର କର୍ମକର୍ତ୍ତାଙ୍କ ପାଇଁ ଅଭିନନ୍ଦନ ସୁଅ ଛୁଟି ଆସିଥିଲା। ପିଲାମାନେ ସେହି ଖୁସିରେ ବିଦ୍ୟାଳୟ ପ୍ରାଙ୍ଗଣରେ କେକ୍ କାଟି, ଆଜିର ମୂହୁର୍ତ୍ତ କୁ ଆନନ୍ଦର ସହିତ ଉପଭୋଗ କରିଥିଲେ

## ନର୍ସମାନେ ସେବା, ମାନବିକତାର ପ୍ରମାଣ ଦେଇଆସିଛନ୍ତି: ପ୍ରଭାତୀ ପରିଡ଼ା

ଭୁବନେଶ୍ୱର,(ପି.ଏନ):ତୃଣମୂଳସ୍ତରରୁ ଆରମ୍ଭ କରି ଜରୁରିକାଳୀନ ପରିସ୍ଥିତି ଯାଏ, ସବୁକ୍ଷେତ୍ରରେ ଆମ ନର୍ସମାନେ ସେବା ଓ ମାନବିକତାର ପ୍ରମାଣ ଦେଇଆସିଛନ୍ତି । ସୁସ୍ଥ ଓ ଶକ୍ତିଶାଳୀ ନର୍ସିଂ କାର୍ଯ୍ୟଶକ୍ତି ଏକ ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଉନ୍ନତି ଆଣି କେୟାର ଇକୋନୋମି ସୁଦୃଢ଼ କରିବାରେ ସହାୟକ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ସୋମବାର ଅନ୍ତର୍ଜାତୀୟ ସେବିକା ଦିବସ ଅବସରରେ ଦିବ୍ୟଗ୍ରୁପ୍ ଅଫ୍ ଇନ୍ଷ୍ଟିଟ୍ୟୁଶନର ଗୀତାଳି ସ୍କୁଲ'ଆଣ୍ଡ କଲେଜ ଅଫ୍ ନର୍ସିଂର ବାର୍ଷିକ ଉତ୍ସବ ରେଳ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ




ଗୀତାଳି ନର୍ସିଂ କଲେଜର ଛାତ୍ରୀଛାତ୍ରଙ୍କୁ ବହୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, କୋରେଇ ବିଧାୟକ ଆକାଶ ଦାସନାୟକ, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଉଚ୍ଚଶିକ୍ଷା ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର, ଓଜେଇଇ ଉପାଧ୍ୟକ୍ଷ ପ୍ରଫେସର ଡି. ଉମାକାନ୍ତ ଶତପଥୀ, ଶିକ୍ଷାବିତ୍ ଡ. ଶିବ ପ୍ରସାଦ ବେହେରା, ଦିବ୍ୟ ଗ୍ରୁପ୍ ଇନ୍ଷ୍ଟିଟ୍ୟୁଶନର ଆବାହକ ଆଶିଷ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ . ଅନୁଷ୍ଠିତ ହୋଇଥିବାବେଳେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହାସହ ଅନୁଷ୍ଠାନର ପତ୍ରିକା 'ସାଧନା' ଉନ୍ମୋଚ଼ନ କରାଯାଇଥିଲା। ଦିବ୍ୟ ଗ୍ରୁପ୍ ଅଫ୍ ଇନ୍ଷ୍ଟିଟ୍ୟୁଶନର ଅଧ୍ୟକ୍ଷ ଦିବ୍ୟଲୋଚ଼ନ ନାୟକ, ନିର୍ଦ୍ଦେଶକ ପ୍ରଶା' କୁମାର ନାୟକ ଏବଂ ଗୀତାଳିସ୍କୁଲ ଅଫ୍ ନର୍ସିଂର ସଭାପତି ବୈଜୟନ୍ତୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




## ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତି ର ମୁକାବିଲା ନିମନ୍ତେ ଜରୁରୀ କାଳୀନ ବୈଠକ ଅନୁଷ୍ଠିତ : ବୁଧବାର ଅପରାହ୍ନ ୪ଟା ରେ ମକ ଡ୍ରିଲ

ପାରାଦ୍ୱୀପ (ପି.ଏନ): ସାମ୍ଭାବ୍ୟ ଯୁଦ୍ଧ ପରିସ୍ଥିତି ର ମୁକାବିଲା ନିମନ୍ତେ ସମସ୍ତ ନାଗରିକ ଙ୍କୁ ସତର୍କ ଓ ସୁରକ୍ଷିତ ରଖିବା ପାଇଁ କେନ୍ଦ୍ର ତଥା ରାଜ୍ୟ ସରକାର ଙ୍କ ଗୃହ ବିଭାଗ ନିର୍ଦ୍ଦେଶ ଅନୁସାରେ ଓଡିଶା ର ଯେଉଁ ୧୨ ଗୋଟି ଜିଲ୍ଲାକୁ ସମ୍ଭାବ୍ୟ ଯୁଦ୍ଧକୁ ନେଇ ସତର୍କ ସୂଚ଼ନା ଦିଆଯାଇଛି ସେମାନଙ୍କ ମଧ୍ୟରୁ ଜଗତସିଂହପୁର ଜିଲ୍ଲା ର ପାରାଦୀପ ଅନ୍ୟତମ। ଏହି ପରିପ୍ରେକ୍ଷୀରେ ଆସନ୍ତା କାଲି ବୁଧବାର ଦିନ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ମକ ଡ୍ରିଲର ବ୍ୟବସ୍ଥା ଅପରାହ୍ନ ୪ଟା ସମୟରେ ପାରାଦ୍ୱୀପ ସ୍ଥିତ ଷଣ୍ଢକୁଦ ଠାରେ ଆୟୋଜନ କରାଯାଇଛି ବୋଲି ଜିଲ୍ଲାପାଳ ଜେ ସୋନାଲ ସୂଚ଼ନା ଦେଇଛନ୍ତି। ଏହି ମକ ଡ୍ରିଲ ଆୟୋଜନ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ପାରାଦ୍ୱୀପ ସ୍ୱତନ୍ତ୍ର ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଏହି ବୈଠକରେ ଅଧକ୍ଷତା କରିବା ସହ ମକ ଡ୍ରିଲ ପାଇଁ ସରକାର ଧାର୍ଯ୍ୟ କରିଥିବା ମାର୍ଗଦର୍ଶିକା ଆଧାରରେ ସମସ୍ତ କାର୍ଯ୍ୟ ପରିଚ଼ାଳନା ପାଇଁ ଅନୁରୋଧ କରିଥିଲେ। ସମ୍ଭାବ୍ୟ ଯୁଦ୍ଧ ସମୟରେ ସାଧାରଣ ଜନତା କିଭଳି ସୁରକ୍ଷିତ ରହିବେ, ଧନଜୀବନ କିଭଳି ନଷ୍ଟ ନହେବ ଏବଂ ଏହାର ପରବର୍ତ୍ତୀ ସମୟରେ କିଭଳି ଉଦ୍ଧାର ଓ ଚିକିତ୍ସା କରାଯିବ ଓ ଯଦି କୌଣସି ଆପତ୍ତକାଳୀନ ଅସୁବିଧା ହୁଏ ତେବେ ସେ ସମୟରେ କଣସବୁ କାର୍ଯ୍ୟପନ୍ଥା ରହିବ ସେ ବିଷୟରେ ଜିଲ୍ଲାପାଳ ଆଲୋକପାତ କରିଥିଲେ କ୍ଷ ଅପରାହ୍ନ ୪ଟା ରେ ସାଇରନ ୫ ମିନିଟ ପାଇଁ ବାଜିବ। ସାଇରନ ଶବ୍ଦ ଶୁଣିବା ମାତ୍ରେ ବାହାରେ ଥିବା ପ୍ରତ୍ୟେକ ନାଗରିକ ସୁରକ୍ଷିତ ଛାତ ଘର,କୋଠା, ବିଲ୍ଡିଂ ଇତ୍ୟାଦି ମଧ୍ୟ କୁ ପ୍ରବେଶ କରି ସୁରକ୍ଷିତ ରହିବେ। ସେମାନଙ୍କୁ ସୁରକ୍ଷାକର୍ମୀ ଓ ସ୍ୱେଚ୍ଛାସେବୀ ମାନେ ସହଯୋଗ କରିବେ। ସିଭିଲ ଡିଫେନ୍ସ ର କର୍ମକର୍ତ୍ତା ମାନେ ଏଥିରେ ସହଯୋଗ କରିବେ । ଆକ୍ରମଣ ଶେଷ ହେବାର ସୂଚ଼ନା ଭାବେ ପୁନଶ୍ଚ ସାଇରନ ବାଜିଲେ ନାଗରିକ ମାନେ ପୂର୍ବବତ ସ୍ୱାଭାବିକ କାର୍ଯ୍ୟ କରି ପାରିବେ। ଏହି ମକ ଡ୍ରିଲ ସମୟରେ ଅଭ୍ୟାସ ପାଇଁ ଆହତ ହୋଇ ଥିବା ଲୋକ ଙ୍କୁ ଉଦ୍ଧାର ଓ ଚ଼ିକିତ୍ସା ପାଇଁ ଆମ୍ବୁଲାନ୍ସ ମଧ ପ୍ରସ୍ତୁତ ହୋଇ ରହିଥିବ। ଏ ସବୁ ମକ ଡ୍ରିଲ ବା ଛାୟା ଯୁଦ୍ଧ ର ଅଭ୍ୟାସ କାର୍ଯ୍ୟକ୍ରମ ହୋଇ ଥିବାରୁ ସାଧାରଣ ଜନତା ଆଦୌ ଭୟଭୀତ ନ ହେବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଗୁଜବରେ ବିଶ୍ୱାସ କରିବା ନାହିଁ କିମ୍ବା ପ୍ରସାର କରିବା ନାହିଁ ବୋଲି ଜିଲ୍ଲାପାଳ ଅନୁରୋଧ କରିଛନ୍ତି। ଏହି ମକ ଡ୍ରିଲ ସମ୍ପର୍କରେ ଆବଶ୍ୟକୀୟ ସତର୍କ ସୂଚ଼ନା ଏବଂ ସଚେତନତା ବାର୍ତ୍ତା ସ୍ୱଚ଼ଛ ସାଥୀ, ଅଙ୍ଗନଓ୍ୱାଡି କର୍ମୀ, ଓ୍ୱାର୍ଡ ଅଫିସର ଆଦି ମାନଙ୍କ ଦ୍ୱାରା ପ୍ରଭାବିତ ହେବାକୁ ଥିବା ଅଞ୍ଚଳ ରେ ପ୍ରଚ଼ାର କରାଇବାକୁ ଜିଲ୍ଲାପାଳ ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ଓ ପୌର ନିର୍ବାହୀ ଅଧିକାରୀ ଙ୍କୁ ପରମର୍ଶ ଦେଇଛନ୍ତି। ଜିଲ୍ଲା ରେ କେବଳ ଯୁଦ୍ଧ ପରି ନୁହେଁ ବରଂ ଆବଶ୍ୟକ ପଡିଲେ ଯୁଦ୍ଧ ର ସମସ୍ତ ପ୍ରକାର ପ୍ରସ୍ତୁତି ନିମନ୍ତେ ଜିଲ୍ଲାପାଳ ସମସ୍ତ ଶିକ୍ଷ ସଂସ୍ଥା ର ବିଭାଗୀୟ ମୂଖ୍ୟ, ପ୍ରଶାସନିକ ଅଧିକାରୀ ମାନଙ୍କୁ ଉପଦେଶ ଦେଇଥିଲେ। ଏହିପରି ସ୍ଥିତି ରେ ଛୋଟ ପିଲା, ଗର୍ଭବତୀ ମହିଳା, ବୟସ୍କ ବ୍ୟକ୍ତି, ମାନଙ୍କୁ ଅଗ୍ରାଧିକାର ଭିତ୍ତି ରେ ଉଦ୍ଧାର କରିବା ପାଇଁ ସେ ପରାମର୍ଶ ଦେବା ସହ ଯୁବପିଢୀ ଙ୍କୁ ମଧ ସ୍ୱତଃ ସ୍ଫୁର୍ତ୍ତ ଭାବେ ଏହି ଉଦ୍ଧାର କାର୍ଯ୍ୟ ରେ ଭାଗ ନେବାପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ।ଏହି ବୈଠକରେ ଉପସ୍ଥିତ ରହି ପାରାଦ୍ୱୀପ ବନ୍ଦର କର୍ତ୍ତୃପକ୍ଷ ର ଉପାଧକ୍ଷ ଶ୍ରୀ ନୀଳାଭ୍ର ଦାସ ଗୁପ୍ତ କହିଲେ ଯେ ଭୟଭୀତ ନ ହୋଇ ସତର୍କ ତଥା ସଜାଗ ରହିଲେ ସମସ୍ତ ବିପତ୍ତି କୁ ଏଡ଼ ଯାଇ ପାରିବ।ଜଗତସିଂହପୁର ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ପରିଚ଼ାଳନା ରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ତେଣୁ ସମ୍ଭାବ୍ୟ ଯୁଦ୍ଧ ପରି ଏକ ଅଭାବନୀୟ ପରିସ୍ଥିତି କୁ ମଧ ଆବଶ୍ୟକ ସ୍ଥଳେ ମୁକାବିଲା କରିବା ପାଇଁ ସମସ୍ତ ସାଧ ଅତ୍ୟାବଶ୍ୟକ ସାମଗ୍ରୀ ଓ ସଚେତନ ଜନ ସାଧାରଣ ଙ୍କ ସହଯୋଗ ଆବଶ୍ୟକ।ଏସ ପି ଶ୍ରୀ ଭବାନୀ ଶଙ୍କର ଉଦ୍ଗାତା ମଧ୍ୟ ଭୟଭୀତ ନ ହୋଇ ସତର୍କ ରହିବାକୁ ଜନ ସାଧାରଣ ଙ୍କୁ ଅନୁରୋଧ କରିଥଲେ। ଏହି ଜରୁରୀ କାଳୀନ ବୈଠକ ରେ ଅନ୍ୟ ମାନଙ୍କ ମଧରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶ୍ରୀ ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ଶ୍ରୀ ନିରଞ୍ଜନ ବେହେରା, ଆଇ ଆର ଟି ଏସ ର ଆସିଷ୍ଟାଣ୍ଟ ରିଜିଓନାଲ ମ୍ୟାନେଜର ଶ୍ରୀ ଅର୍ଘ୍ୟ ପଟ୍ଟନାୟକ,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ପାରାଦ୍ୱୀପ ଶ୍ରୀ ସ୍ମୃତି ରଞ୍ଜନ କର, ପାରାଦ୍ୱୀପ ପୌର ପରିଷଦ ଅଧକ୍ଷ ଶ୍ରୀ ବସନ୍ତ କୁମାର ବିଶ୍ୱାଳ, ପୌର ନିର୍ବାହୀ ଅଧିକାରୀ ଶ୍ରୀ ଅଭିଷେକ ପଣ୍ଡା, ତହସିଲଦାର କୁଜଙ୍ଗ ଶ୍ରୀ ସ୍ୱରୂପ ନନ୍ଦନ ବେହେରା,ଡେପୁଟି କଲେକ୍ଟର ଜରୁରୀ ବିଭାଗ ଅନିଶା ଦାସ,ଆଇ ଓ ସି ଏଲ୍, ପି ପି ଏଲ, ଇଫ୍କୋ, ଜେ ଏସ ଡବ୍ଲୁ ର ମୁଖ୍ୟ, ସମସ୍ତ ବିଭାଗୀୟ ଅଧିକାରୀ,କୋଷ୍ଟ ଗାର୍ଡ, ସିଭିଲ ଡିଫେନ୍ସ, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ସୁରକ୍ଷା ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚ଼ନାରେ ଅଂଶଗ୍ରହଣ କରିଥିଲେ।



### ରାଜ୍ୟ ବିଦ୍ୟୁତ ଭାର ପ୍ରେରଣ କେନ୍ଦ୍ର ପରିଦର୍ଶନ କଲେ ରାଜ୍ୟପାଳ

ଭୁବନେଶ୍ୱର,(ପି.ଏନ): ଆଜି ଅପରାହ୍ନରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ମଂଚେଶ୍ୱର ରେଲୱେ ରୋଡସ୍ଥିତ ରାଜ୍ୟ ବିଦ୍ୟୁତ ଭାର ପ୍ରେରଣ କେନ୍ଦ୍ର (ଏସ୍ଏଲ୍ଡିସି) ପରିଦର୍ଶନ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ଏସଏଲଡିସିର ଦୈନନ୍ଦିନ କାର୍ଯ୍ୟ ପରିଚାଳନା ସହିତ ଏହାର ନିୟନ୍ତ୍ରଣ କକ୍ଷ (କଂଟ୍ରୋଲ ରୁମ୍) ପରିଦର୍ଶନ କରି ସେଠାରେ ଚାଲୁଥିବା ବିଭିନ୍ନ କାର୍ଯ୍ୟକଳାପ ସଂମ୍ପର୍କରେ କର୍ତ୍ତୃପକ୍ଷଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଏସ୍ଏଲ୍ଡିସିର କାର୍ଯ୍ୟାବଳୀ, ରାଜ୍ୟର ବିଦ୍ୟୁତ ବ୍ୟବସ୍ଥାରେ ଏହାର ଗୁରୁତ୍ୱ ଏବଂ ବିଦ୍ୟୁତ ଗ୍ରୀଡର ନିରବଚ୍ଛିନ୍ନ ପରିଚାଳନା ପାଇଁ ଏହା କିପରି କାର୍ଯ୍ୟ କରୁଛି ସେ ବିଷୟରେ କର୍ମକର୍ତ୍ତା ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ।

## ସାଲେପୁର- ଛତିଆ ପୂର୍ତ୍ତ ବିଭାଗ ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ ପାଇଁ ଦାବି

ମାହାଙ୍ଗା,(ପି.ଏନ): ସାଲେପର-ଛତିଆ ପୂର୍ତ୍ତ ବିଭାଗ ରାସ୍ତା ପ୍ରଶସ୍ତୀକରଣ ସମୟରେ ସାଲେପୁରଠାରୁ ଖନ୍ଦୋଳ ଓସ୍ତମୂଳ ଛକ ପର୍ଯ୍ୟନ୍ତ ମୋଟ ୨୩୧ ଗୋଟି ଗଛ ରାସ୍ତାକଡରେ ରହିଥିଲା । ୨୩୧ ଟି ଗଛଗୁଡିକୁ କାଟିବା ପାଇଁ ଚିହ୍ନଟ କରାଯାଇଥିଲା । ସେଥିମଧ୍ୟରୁ ୨୨୧ ଟି ଗଛ କଟାଯାଇଛି ଓ ୧୦ ଟି ଗଛକଟାଯାଇ ନାହିଁ । ରାସ୍ତା ପ୍ରଶସ୍ତୀକରଣ ନିମନ୍ତେ ଗଛ କାଟିବା ପାଇଁ ଡି.ଏମ୍. ଓଡିଶା ବନ ଉନ୍ନୟନ ନିଗମ ଖପୁରିଆଙ୍କୁ ଅଧିକୃତ କରାଯାଇଥିଲା । ଗଛ କାଟିବା ପାଇଁ ପୂର୍ତ୍ତ ବିଭାଗ ତରଫରୁ ସାଲେପୁର ତହସିଲ ପକ୍ଷରୁ ଜ୍ଞାପକ ସଂଖ୍ୟା ୨୮୫, ତା. ୯.୧.୨୦୨୪ ରିଖରେ ଅବଗତ କରାଯାଇଥିବା ବନା ଳ ଅଧିକାରୀ କଟକ ଜ୍ଞାପକ ସଂଖ୍ୟା ୧୨୪୩, ତା.୨୧.୦୯.୨୦୨୪ ରିଖରେ ପ୍ରଦାନ ସୂଚନା ତଥ୍ୟରୁ ଜଣାପଡିଥିଲା। ସେହିପରି ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ କାର୍ଯ୍ୟାଳୟ କଟକ ବନଖଣ୍ଡ ମେମୋ ନଂ ୮୧୭୪, ତା.୨.୯.୨୦୨୪ ରିଖରେ ପ୍ରଦାନ ସୂଚନା ତଥ୍ୟରେ ମାହାଙ୍ଗା ତହସିଲ କାର୍ଯ୍ୟାଳୟ ଅଧିନରେ ଥିବା ଖନ୍ଦୋଳ-ଓସ୍ତମୂଳ ଛକଠାରୁ କଇଥା ଚମ୍ପାପୁର ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତା ପ୍ରଶସ୍ତକରଣ ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ମୋଟ ୧୨୩୪ ଟି ଗଛ ରହିଥିଲା । ରାସ୍ତା ପ୍ରଶସ୍ତୀକରଣ ପାଇଁ ୧୨୩୪ ଟି ଗଛ କଟାଯିବା ପାଇଁ ଚିହ୍ନଟ ହୋଇଥିଲା । ସେଥି ମଧ୍ୟରୁ ୧୨୧୫ ଟି ଗଛ କଟାଯାଇଥିଲା ବେଳେ ୧୯ ଟି ଗଛ କଟାଯାଇ ନାହିଁ। ଏଠାରେ ପ୍ରଶ୍ନ ଉଠୁଛି ଯେ ରାସ୍ତା ପ୍ରଶସ୍ତୀକରଣ ନାମରେ ବ୍ୟାପକ ଗଛ କଟାଯାଇଥିଲା । ଏହି ଗଛ ଗୁଡିକ ନିଲାମ କରାଯାଇଛି କି ନାହିଁ ସେ ନେଇ ସୂଚନା ତଥ୍ୟ ମିଳିନଥିଲା ବେଳେ ବର୍ଷାଦିନ ପୂର୍ବରୁ ସାଲେପୁର-ଛତିଆ ପୂର୍ତ୍ତ ବିଭାଗ ରାସ୍ତାର ଉଭୟ ପାର୍ଶ୍ୱରେ ବ୍ୟାପକ ବୃକ୍ଷରୋପଣ କରାଯିବା ନିମନ୍ତେ ମାହାଙ୍ଗା ଅଂଚଳର ପତ୍ରକାର ତଥା ବୃକ୍ଷପ୍ରେମୀ ବିବେକାନନ୍ଦ ଦାସ ରାଜ୍ୟ ସରକାରଙ୍କ ନିକଟରେ ଦାବି ଜଣାଇଛନ୍ତି ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray